ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.264 Bhubaneswar Friday December 09 2022 | ୨୫ତମ ବର୍ଷ ସଂଖ୍ୟା-୨୬୪ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୦୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ପଦ୍ମପୁରରେ ବାଜି ମାରିଲା ବିଜେଡି

ଭୁବନେଶ୍ୱର , ୮।୧୨(ପି.ଏନ): ପଦ୍ମପୁର ଉପନିର୍ବାଚନରେ ବିଜୟୀ ହୋଇଛି ବିଜେଡି। ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ୪୨ହଜାରରୁ ଅଧିକ ଭୋଟ୍ ରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ପରାସ୍ତ କରିଛନ୍ତି। ବର୍ଷାଙ୍କୁ ୧ ଲକ୍ଷ ୨୦ହଜାର ୮୦୭ ଖଣ୍ଡ ଭୋଟ୍ ମିଳିଛି। ବିଜେପିର ପ୍ରଦୀପ ପୁରୋହିତ ୭୮ ହଜାର ୧୨୮ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ୩୫୯୪ ଖଣ୍ଡ ଭୋଟ୍ ମିଳିଛି। ଗୁରୁବାର ଅପରାହ୍ନରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଗୁରୁବାର ଗଣତି ଆରମ୍ଭ ରୁ ହିଁ ବିଜେଡି ପ୍ରାର୍ଥୀ ଆଗୁଆ ରହିଥିଲେ। କିଛି ରାଉଣ୍ଡର ଗଣତି ପରେ ବିଜେଡି ପ୍ରାର୍ଥୀ ବର୍ଷା ବିଜୟୀ ହେବା ସ୍ପଷ୍ଟ ହୋଇଯାଇଥିଲା। ଶେଷ ରାଉଣ୍ଡ ସୁଦ୍ଧା ବର୍ଷାଙ୍କୁ ୧ ଲକ୍ଷ ୨୦ହଜାର ୮୦୭ ଖଣ୍ଡ ଭୋଟ୍ ମିଳିଛି ଯେଉଁଥିରେ ପୋଷ୍ଟାଲ ଭୋଟ୍ ସଂଖ୍ୟା ରହିଛି ୧୩୫। ସେହିପରି ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୯୪ ଖଣ୍ଡ ପୋଷ୍ଟାଲ ଭୋଟ୍ ସହିତ ମୋଟ ୭୮,୧୨୮ ଖଣ୍ଡ ଭୋଟ୍ ପାଇଛନ୍ତି। ଧାମନଗର ଉପନିର୍ବାଚନରେ ପରାସ୍ତ ହୋଇଥିଲେ ବି ପଦ୍ମପୁରରେ ନିର୍ବାଚନ ଜିତିଥିବାରୁ ବିଜେଡିର ମନୋବଳ ପୁଣି ଥରେ ବଢ଼ିଯାଇଛି। ପଦ୍ମପୁର ବିଜୟ ପରେ ବିଜେଡିର ସେଲିବ୍ରେସନ୍ ଆରମ୍ଭ ହୋଇଯାଇଛି। ସୂଚନାଯୋଗ୍ୟ, ପଦମପୁର ବିଧାୟକ ବିଜୟ ରଂଜନ ସିଂ ବରିହାଙ୍କ ଅକାଳ ବିୟୋଗ ଯୋଗୁଁ ଗତ ୫ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଉପନିର୍ବାଚନରେ ରେକର୍ଡ ସଂଖ୍ୟକ ଅର୍ଥାତ୍ ୮୧.୨୯ ପ୍ରତିଶତ ମତଦାନ ହୋଇଥିଲା। ନିର୍ବାଚନ ମଣ୍ଡଳୀର ସମୁଦାୟ ୨ଲକ୍ଷ ୫୭ହଜାର ୪୭୪ ଭୋଟରଙ୍କ ମଧ୍ୟରୁ ୨ଲକ୍ଷ ୯ହଜାର ୩୦୯ ଭୋଟର ୩୧୯ ବୁଥରେ ମତଦାନ କରିଥିଲେ। ଏହାପରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଜି ସକାଳ ୮ଟାରୁ ପଦ୍ମପୁର ଆରଏମସି ପରିସର କେନ୍ଦ୍ରରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ୧୪ ଟେବୁଲରେ ଗଣତି ୨୩ ରାଉଣ୍ଡରେ ଶେଷ କରାଯାଇଥିଲା। ବିଜେଡି, ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ୧୦ଜଣ ଏହି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ।






# ନବୀନ କାହିଁକି ଯାଇଥିଲେ ପଦ୍ମପୁର ? ଜିତିବା ପରେ ଉତ୍ତର ରଖିଲେ



ଭୁବନେଶ୍ୱର ,୮।୧୨(ପି.ଏନ): ପଦ୍ମପୁରରେ ବିଜେଡିର ବିଜୟ ପରେ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ସମ୍ବୋଧନ କରିଛନ୍ତି। ବିଜୟ ଲାଗି ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଉ ଜୁହାର କହିଛନ୍ତି। ଏଥିସହ ପଦ୍ମପୁରକୁ କାହିଁକି ପ୍ରଚାର କରିବା ପାଇଁ ଯାଇଥିଲେ, ତା'ର ଉତ୍ତର ମଧ୍ୟ ଦେଇଛନ୍ତି ନବୀନ।ନବୀନ ପଟ୍ଟନାୟକ କହିଛନ୍ତି, ଜଣେ ଉଚ୍ଚ ଶିକ୍ଷିତା ଓ ବାପା ଛେଉଣ୍ଡ ଝିଅଙ୍କୁ ରାଜ୍ୟ ବିଜେପିର କିଛି ନେତୃମଣ୍ଡଳୀ ଅସମ୍ମାନ କରିଥିଲେ। ତାହା ମୋତେ ବହୁତ ଦୁଃଖ ଦେଇଥିଲା। ମୁଁ ଭାବୁଛି, ଏହା କେବଳ ମୋ' ପାଇଁ ଦୁଃଖ ନୁହେଁ। ଓଡିଶାର ସବୁ ମହିଳାଙ୍କ ପାଇଁ ଦୁଃଖର କଥା। ରାଜନୀତିରେ ହାରିବା, ଜିତିବା ଓ ନିର୍ବାଚନରେ ଲଢ଼ିବା କଥା ଅଲଗା। କିନ୍ତୁ ଜଣେ ମହିଳାଙ୍କୁ ଏଭଳି ଭାବରେ ଅସମ୍ମାନ କରିବା ଅତି ନିନ୍ଦନୀୟ। ସେଥିପାଇଁ ମୁଁ ନିଷ୍ପତ୍ତି ନେଲି, ବର୍ଷା ସିଂ ବରିହାଙ୍କ ପାଖରେ ଠିଆ ହେବି ଜଣେ ବାପା ଭଳି। ମୁଁ ବିରୋଧୀ ଦଳ ତଥା ରାଜ୍ୟର ବିଜେପି ନେତୃମଣ୍ଡଳୀଙ୍କୁ ନମ୍ରତାର ସହ ଜଣାଇଦେବାକୁ ଚାହୁଁଛି ଯେ, ରାଜନୀତି କରିବା ବାହାନାରେ ଯଦି ମହିଳାମାନଙ୍କୁ ଅସମ୍ମାନ କରାଯିବ, ତାକୁ କେବେ ଓଡିଶାବାସୀ ସମର୍ଥନ କରିବେ ନାହିଁ।ସେ ଆହୁରି କହିଛନ୍ତି- ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେନ୍ଦ୍ର ମନ୍ତ୍ରିମଣ୍ଡଳର କିଛି ମନ୍ତ୍ରୀମାନେ ଓଡିଶାବାସୀ ତଥା ପଦମପୁରବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ। ସେ ଆବାସ ଯୋଜନା ହେଉ ବା କେନ୍ଦୁପତ୍ରର ଜିଏସଟି ହେଉ। ଫସଲ ବୀମାର ବିଳମ୍ବ ହେଉ ବା ଏମ୍ ?ଏସପି ପ୍ରସଙ୍ଗ ହେଉ। ରେଳ କନେକ୍ଟିଭିଟି ହେଉ ବା ଅନ୍ୟ କିଛି, ଏହା ଠିକ୍? ନୁହେଁ। ଆପଣ କେନ୍ଦ୍ରରେ ଅଛନ୍ତି, ଆମେ ରାଜ୍ୟରେ ଅଛୁ। ମିଶିକରି ଲୋକଙ୍କ ମଙ୍ଗଳ ପାଇଁ କାମ କରିବା। ଓଡିଶାର ଉନ୍ନତି ପାଇଁ କାମ କରିବା ବୋଲି ନବୀନ କହିଛନ୍ତି।

# ୧୦ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ ଜୁନିୟର ଇଂଜିନିୟର ଗିରଫ

ରାଉରକେଲା, ୮।୧୨(ପି.ଏନ): ରାଉରକେଲା ରୁରାଲ ଡେଭଲପମେଂଟ ଡିଭିଜନର ଜୁନିୟର ଇଂଜିନିୟର ଦେବବ୍ରତ ସାହୁ ଆଜି ୧୦ହଜାର ଟଙ୍କା ଲାଂଚ ନେଉଥିବା ବେଳେ ରାଉରକେଲା ଭିଜିଲାନ୍ସ ହାତରେ ଗିରଫ ହୋଇ କୋର୍ଟକୁ ଚାଲାଣ ହୋଇଛନ୍ତି। ମରାମତି କାମ କରିଥିବା ଜଣେ ଠିକାଦାରଙ୍କର ବିଲ କରାଇଦେବା ଲାଗି ଅଭିଯୁକ୍ତ ଇଂଜିନିୟର ଲାଂଚଦାବି କରି ଆଜି ନେଉଥିବା ବେଳେ ତାଙ୍କୁ ରାଉରକେଲା ଭିଜିଲାନ୍ସର ଅଧିକାରୀମାନେ ଧରିଥିଲେ। ପରେ ତାଙ୍କ ଅଫିସ, ଛେଣ୍ଡ ଠାରେ ଥିବା ଘର ,ବ୍ୟାଙ୍କ ଆଦିକୁ ଯାଂଚ କଲା ପରେ ବହୁଳ ପରିମାଣର ଟଙ୍କାର ସନ୍ଧାନ ମିଳିଛି। ଏନେଇ ଭିଜିଲାନ୍ସ ମାମଲା ନମ୍ବର ୨୬/୨୨ ରୁଜୁ କରି ଯାଂଚ ଚଳାଇଛି। ରାଉରକେଲା ସହରର ମହାନଗର ନିଗମ ,ସ୍ମାର୍ଟ ସିଟି ,ପୂର୍ତ୍ତ ବିଭାଗ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ,ଡ୍ରଗ୍ସ ଇନ୍ସପେକ୍ଟର ଅଫିସ,ସୁନ୍ଦରଗଡ ଜିଲ୍ଲା ଶିକ୍ଷା ବିଭାଗ .ଡିପିସି ଅଫିସରେ ବ୍ୟାପ ଅର୍ଥ କାର ବାର ଚାଲ କୋଟିପତି ତିଆରି ହେଉଥିବା ବେଳେ ଆଜି ଅନେକ ଦିନ ପରେ ଆରଡି ବିଭାଗରେ ଏଭଳି ଧରପଗଡ ସାଧାରଣ ଜନତା ଶୋଷଣ ର ଶିକାର ହେଉଥିବା ଏହି ସବୁ ବିଭାଗ ଉପରେ କେବେ ଭିଜିଲାନ୍ସ ଦୃଷ୍ଟି ଦେବ ତାହା ଦେଖିବାକୁ ବାକି ରହିଲା ବୋଲି ଚର୍ଚ୍ଚା ହେଉଛି ।

# ଓଲଟିଲା ବରଯାତ୍ରୀଙ୍କୁ ନେଇ ଯାଉଥିବା ଟ୍ରାକ୍ଟର, ୬ ମୃତ

ଅମରାବତୀ,୮।୧୨(ପି.ଏନ): ଓଲଟି ପଡିଲା ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର। ଫଳରେ ଘଟଣାସ୍ଥଳରେ ହିଁ ଚାଲିଗଲା ୬ ଜଣଙ୍କ ଜୀବନ। ଏଥିସହ ଅନ୍ୟ ୨୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଏଭଳି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ଆନ୍ଧ୍ରପ୍ରଦେଶର ଚିତ୍ତୋର୍ ?ରେ।ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ଇରାଲ ମଣ୍ଡଳର ବଲିଜାପଲ୍ଲେ ଗାଁରୁ ଆରମ୍ଭ ହୋଇଥିଲା ବରଯାତ୍ରୀ। ଟ୍ରାକ୍ଟରରେ ବସି ଝିଅ ଘର ଆଡକୁ ବରଯାତ୍ରୀ ଯାଉଥିଲେ। ଏମାନେ ଗୁରୁବାର ସକାଳେ ଜେଟ୍ଟିପଲ୍ଲେ ଗାଁରେ ହେବାକୁ ଥିବା ବିବାହରେ ସାମିଲ ହୋଇଥାନ୍ତେ। କିନ୍ତୁ ଅଧବାଟରେ ହିଁ ବରଯାତ୍ରୀଙ୍କୁ ନେଇ ଆସୁଥିବା ଟ୍ରାକ୍ଟରଟି ଦ୍ରୁତ ଗତି ଯୋଗୁ ଭାରସାମ୍ୟ ହରାଇଥିଲା ଓ ରାସ୍ତାକଡକୁ ଓଲଟି ପଡିଥିଲା।ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଟ୍ରାକ୍ଟର ଚାଳକ, ଦୁଇ ଜଣ ମହିଳା ଓ କିଛି ପିଲା ଅଛନ୍ତି। ସେପଟେ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିତ୍ତୋର, ଵେଲ୍ଲୁର ଓ ତିରୁପତି ହସ୍ପିଟାଲରେ ଭର୍ତ୍ତି କରିଛି ।ଆହତଙ୍କ ମଧ୍ୟରେ ବିବାହ କରିବାକୁ ଯାଉଥିବା ବର ହେମନ୍ତ କୁମାର ମଧ୍ୟ ସାମିଲ ଅଛନ୍ତି। ହେମନ୍ତ କୁମାରଙ୍କ ବିବାହ ଜେଟ୍ଟିପଲ୍ଲେ ଗାଁର ଭୁବନେଶ୍ୱରୀଙ୍କ ସହ ଗୁରୁବାର ଦିନ ହୋଇଥାନ୍ତା। କିନ୍ତୁ ଏହା ପୂର୍ବରୁ ଦୁର୍ଘଟଣାର ଶିକାର ହୋଇଛନ୍ତି ବର। ଉକ୍ତ ଟ୍ରାକ୍ଟରରେ ମୋଟ ୨୬ ଜଣ ଯାତ୍ରୀ ଥିଲେ।



## ଜୟପୁରରେ ଅବକାରି ଚଢଉ, ୪ ଗିରଫ

ଜୟପୁର, ୮।୧୨(ପି.ଏନ): ଜୟପୁରରେ ଅବକାରି ଚଢଉ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ଘାଟବାଗ୍ରା ଓ ଧନପୁରରେ ଚଢଉ ହୋଇଛି। ଚଢଉ କରି ଦେଶୀ ମଦ ଚାଲାଣ କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ୭୫ ଲିଟର ଦେଶୀ ମଦ ଓ ବାଇକ କୁ ଜବତ କରିଥିବା ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## ଘର ଉପରେ ଚଢଉ : ୧୦୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଜୟପୁର, ୮।୧୨(ପି.ଏନ): ଜୟପୁର ସଦର ପୋଲିସ ଘର ଉପରେ ଚଢଉ କରି ୧୦୨ କେଜି ଗଞ୍ଜେଇ ଜବତ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି ।ପୋଲିସର ସୂଚନା ଅନୁଯାୟୀ, ଜୟପୁର ସଦର ପୋଲିସ ପେଟ୍ରୋଲିଂ କରୁଥିବା ବେଳେ କୋରାପୁଟରେ ଜଣକଙ୍କ ଘରେ ଗଞ୍ଜେଇ ରହିଥିବା ସୂଚନା ପାଇଥିଲା । ପୋଲିସ ମାଜିଷ୍ଟ୍ରେଟ ଉପସ୍ଥିତିରେ କୋରାପୁଟର ମଦନ ହରିଜନ ଘରେ ଚଢଉ କରିଥିଲେ । ଚଢଉ କରି ୧୦୨ କେଜି ଗଞ୍ଜେଇ ଜବତ କରିଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଆନ୍ତର୍ଗତ କେରାପୁଟର ମଦନ ହରିଜନ ଓରଫ ଟାକରି (୨୫) । ଜବତ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେବା ନେଇ ରଖାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ।

## ବର୍ଷାଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର , ୮।୧୨(ପି.ଏନ): ପଦ୍ମପୁର ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ବିପୁଳ ଭୋଟ୍ ରେ ବିଜୟୀ ହୋଇଛନ୍ତି। ତାଙ୍କର ଏହି ବିଜୟ ପାଇଁ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଷାଙ୍କ ସହ ଟେଲିଫୋନ୍ ଯୋଗେ କଥା ହେବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ଉପନିର୍ବାଚନ ଫଳାଫଳକୁ ସ୍ୱୀକାର କରୁଛୁ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର , ୮।୧୨(ପି.ଏନ): ପଦ୍ମପୁର ଉପନିର୍ବାଚନ ଫଳାଫଳକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଫଳାଫଳକୁ ସ୍ୱୀକାର କରିବା ସହ ମତଦାତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ଏହା ସହ ସେ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଟୁଇଟ୍ କରିଛନ୍ତି ଯେ ପଦ୍ମପୁର ଉପନିର୍ବାଚନର ଫଳାଫଳକୁ ସ୍ୱୀକାର କରୁଛୁ। ଆମ ଦଳକୁ ଭୋଟ୍ ଦେଇଥିବା ପ୍ରତ୍ୟେକ ମତଦାତାଙ୍କୁ ଆନ୍ତରିକ ଧନ୍ୟବାଦ। ଗଣତନ୍ତ୍ରରେ ଜନତାଙ୍କ ରାୟକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ସହ ଜନକଲ୍ୟାଣ ଓ ଲୋକସମ୍ପର୍କ ମାଧ୍ୟମରେ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବୁ।

## ଜିଲ୍ଲାରେ ଭୋଟରଙ୍କ ଅନୁପାତ ବୃଦ୍ଧି କରିବାକୁ ଅପିଲ୍ କଲେ ଜିଲ୍ଲାପାଳ

ମାଲକାନଗିରି, ୮।୧୨(ପି.ଏନ): ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ଅଧୀନରେ ପ୍ରାପ୍ତ ହୋଇଥିବା ଦାବି ଓ ଆପତି କିମ୍ବା ଅଭିଯୋଗ ତଥ୍ୟକୁ ବିଭିନ୍ନ ରାଜନୈତିକ ଦଳକୁ ପ୍ରଦାନ କରାଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ଯୋଗଦେଇ ଉପସ୍ଥିତ ସମସ୍ତ ରାଜନୈତିକ ଦଳ ଏବଂ ଜନସାଧାରଣଙ୍କୁ ଜିଲ୍ଲାରେ ଭୋଟରଙ୍କ ଅନୁପାତ ବୃଦ୍ଧି କରିବା ପାଇଁ ଅପିଲ କରିଛନ୍ତି ।ସୂଚନା ଥାଉକି, ଜିଲ୍ଲାରେ ବର୍ତ୍ତମାନ ୪ ଲକ୍ଷ ୧୯ ହଜାର ୫୭୦ ଜଣ ଭୋଟର ରହିଛନ୍ତି । ସେହିପରି ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ, ସ୍ୱେଚ୍ଛାକୃତ ଭାବେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଛନ୍ତି।

## ଓସିଏସ୍ ପ୍ରିଲିମ୍ ରେ ଉତୀର୍ଣ୍ଣ ହେଲେ ୫୨୯୬ ଜଣ

ଭୁବନେଶ୍ୱର , ୮।୧୨(ପି.ଏନ): ଓଡିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ୍ ସର୍ଭିସ୍ ପ୍ରିଲିମନାରୀ ପରୀକ୍ଷା ୨୦୨୧ ରେଜଲ୍ଟ ପ୍ରକାଶ ପାଇଛି। ପ୍ରିଲିମନାରୀ ପରୀକ୍ଷାରେ ମୋଟ ୫୨୯୬ ଜଣ ପ୍ରାର୍ଥୀ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୭୪୯ ମହିଳା ପ୍ରାର୍ଥୀ ରହିଛନ୍ତି। ଆସନ୍ତା ବର୍ଷ ଫେବୃଆରୀରେ ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇପାରେ। ଗୁରୁବାର ଦିନ ଓପିଏସସି ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି। ଓପିଏସସିର ସୂଚନା ଅନୁଯାୟୀ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅଣସଂରକ୍ଷିତ ବର୍ଗରେ ୨୮୦୨(୯୪୪ ମହିଳା) , ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗରେ ୪୭୫ (୧୪୪ ମହିଳା), ଅନୁସୂଚିତ ଜାତି ବର୍ଗରେ ୮୭୭ (୨୯୪ ମହିଳା) ଏବଂ ଅନୁସୂଚିତ ଜନଗାତି ବର୍ଗରେ ୧୧୪୨ (୨୯୪ ମହିଳା) ରହିଛନ୍ତି। ସୂଚନା ଅନୁଯାୟୀ ସମୁଦାୟ ୪୩୩ (୧୪୨ମହିଳା) ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ମୋଟ ୫୮,୨୪୧ (୨୦,୯୩୦ ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ଅକ୍ଟୋବର ୧୬ ତାରିଖରେ ଅନୁଷ୍ଠିତ ପ୍ରିଲିମନାରୀ ପରୀକ୍ଷାରେ ୨୯,୨୯୫ (୧୦,୨୮୪ ମହିଳା) ପ୍ରାର୍ଥୀ ପରୀକ୍ଷା ଦେଇଥିଲେ ।

# ଗୁଜରାଟରେ 'ମୋଦି ସୁନାମୀ', ବିଜେପିର ରେକର୍ଡ ବିଜୟ



ନୂଆଦିଲ୍ଲୀ,୮।୧୨: ଗୁଜରାଟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝଡ। ମୋଦି ସୁନାମୀରେ ଛିନଛତ୍ର ବିରୋଧୀ। ବିଜେପିର ହୋଇଛି ଐତିହାସିକ ବିଜୟ। ସଫଳ ହେଲା ଅବ କୀ ବାର ୧୫୦ ପାର୍? ନାରା। ଫେଲ ମାରିଲା ବିରୋଧୀଙ୍କ ସବୁ ରଣନୀତି। ସମସ୍ତଙ୍କୁ ଚକିତ କରି ରାଜ୍ୟର ୧୮୨ ଆସନରୁ ବିଜେପି ଏକତରଫା ଭାବେ ୧୫୬ଟିରେ ବାଜିମାତ କରିଛି। ଏଥିସହ ଇତିହାସ ପୃଷ୍ଠାରେ ବିଜେପି ସବୁଦିନ ପାଇଁ ନିଜ ନାଁକୁ ଲିପିବଦ୍ଧ କରିଦେଇଛି। ଗୁଜରାଟରେ କ୍ରମାଗତ ୭ମ ଥର ପାଇଁ ଦଳ ଶାସନ କରିବାକୁ ପାଇଛି ଜନାଦେଶ।ବିରୋଧୀ କଂଗ୍ରେସ ମାତ୍ର ୧୭ଟି ଆସନ ପାଇଥିବା ବେଳେ ବଡବଡ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖିଥିବା ଆପ୍ କେବଳ ୫ ଆସନରେ ଅଟକିଛି। ଅନ୍ୟାନ୍ୟ ଦଳ ୪ଟି ଆସନ ଜିତିଛନ୍ତି।୨୦୧୭ ତୁଳନାରେ ୨୦୨୨ରେ ବିଜେପି ଜିତିଛି ଅଧିକ ୫୭ଟି ଆସନ। କଂଗ୍ରେସର ଆସନ ସଂଖ୍ୟା ୬୧ଟି ହ୍ରାସ ପାଇଛି। ୨୦୨୨ରେ ବିଜେପି କେବଳ ଜିତିନି ବରଂ ନିଜ ରେକର୍ଡକୁ ନିଜେ ଭାଙ୍ଗିଛି। ୨୦୦୨ ବିଧାନସଭା ନିର୍ବାଚନରେ ବିଜେପି ୧୨୭ଟି ଆସନ ଜିତିଥିଲା। ଏହା ବିଜେପିର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା।ନରେନ୍ଦ୍ର ମୋଦି ଏହି ରେକର୍ଡ କରିଥିଲେ। ଏହାପରେ ଦଳ କ୍ରମାଗତ ଭାବେ ଗୁଜରାଟ ବିଧାନସଭା ନିର୍ବାଚନରେ ଆସନ ହରାଇ ଚାଲିଥିଲା। କିନ୍ତୁ ସରକାର ବଜାୟୀ ରଖିଥିଲା। ଏବେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଥିବା ବେଳେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମୟରେ ବିଜେପି ନିଜ ରେକର୍ଡକୁ ନିଜେ ଭାଙ୍ଗି ଇତିହାସ ରଚିଛି ।ବିଜେପି ଏଥର ଅବ କୀ ବାର ୧୫୦ ପାର୍? ନାରା ଦେଇ ନିର୍ବାଚନ ମୈଦାନାକୁ ଓହ୍ଲାଇଥିଲା। ଦଳର ପ୍ରଚାର ମଙ୍ଗ ସମ୍ଭାଳିଥିଲେ ଖୋଦ ପ୍ରଧାନମନ୍ତ୍ରୀ ମୋଦି। ୨୭ଟି ରାଲି ସହ ଘନଘନ ରୋଡ୍? ଶୋ' କରି ମୋଦି ଗୁଜରାଟବାସୀଙ୍କୁ ଭୋଟ ମାଗିଥିଲେ। ଦୀର୍ଘ ୨୭ ବର୍ଷ ହେଲା ରାଜ୍ୟରେ ବିଜେପି କ୍ଷମତାରେ ଥିବାରୁ ଏହାର ପ୍ରତିକୂଳ ପ୍ରଭାବ ଦଳ ଉପରେ ପଡିବ ବୋଲି ବିରୋଧୀ ଆଶା କରିଥିଲେ ।କିନ୍ତୁ ମୋଦିଙ୍କ ପ୍ରଚାର ଆଗରେ ସେସବୁ ଫିକା ପଡି ଯାଇଛି। ବିଜେପି ଏଠାରେ କେବଳ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୯୨ ହାସଲ କରିନି ବରଂ ବିଜୟରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି।୧୯୮୫ରେ କଂଗ୍ରେସ ମାଧବସିଂହ ସୋଲାଙ୍କିଙ୍କ ନେତୃତ୍ୱରେ ୧୪୯ଟି ବିଧାନସଭା ଆସନ ଜିତିଥିଲା। ଏହା ଗୁଜରାଟ ବିଧାନସଭା ନିର୍ବାଚନରେ ସର୍ବକାଳୀନ ରେକର୍ଡ ଥିଲା। ୧୯୮୫ ପରଠାରୁ କୌଣସି ରାଜନୀତିକ ଦଳ ୧୪୯ କିମ୍ବା ତା' ଠାରୁ ଅଧିକ ଆସନ ଜିତି ପାରି ନଥିଲେ ।ନରେନ୍ଦ୍ର ମୋଦି ଦୀର୍ଘ ବର୍ଷ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବେଳେ ମଧ୍ୟ ସୋଲାଙ୍କିଙ୍କ ରେକର୍ଡ ଭାଙ୍ଗି ପାରି ନଥିଲେ। କିନ୍ତୁ ୨୦୨୨ରେ ଏହି ରେକର୍ଡ ଭାଙ୍ଗିଛି। ଗୁଜରାଟରେ ଦେଖାଦେଇଛି ମୋଦି ସୁନାମୀ। ଆଉ ଏହି ସୁନାମୀରେ କଂଗ୍ରେସ ଓ ଆପ୍? ଚିତ ମାରିଛନ୍ତି।ନିର୍ବାଚନ ପୂର୍ବରୁ କଂଗ୍ରେସରୁ ଆସିଥିବା ଅନେକ ହେଭିୱେଟଙ୍କୁ ବିଜେପି ଟିକେଟ ଦେଇଥିଲା। ସେମାନେ ମଧ୍ୟ ଦଳକୁ ନିରାଶ କରି ନାହାନ୍ତି। ଏହାବାଦ ଅନେକ ଚର୍ଚ୍ଚିତ ଚେହେରା ମଧ୍ୟ ବିଜେପି ଟିକେଟରେ ବାଜିମାତ କରିଛନ୍ତି। ହାର୍ଦ୍ଦିକ ପଟେଲ, ଅଳ୍ପ ?ଶ ଠାକୁର, କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଜିତୁ ଭଘାନି, ଅମିତ ଭାଇ ଶାହ, ମୋର୍ବିରୁ କାନ୍ତୀଲାଲ ଅମୃତୟ, ନରୋଦାର ପାୟଲ କୁଲକର୍ଣ୍ଣୀ ପ୍ରମୁଖ ବିଜେପି ଟିକେଟରୁ ଜିତିଛନ୍ତି। ବିରୋଧୀ କ୍ୟାମ୍ପରୁ ଅନେକ ହେଭିୱେଟ ପରାସ୍ତ ହୋଇଛନ୍ତି। ଆପର ଗୁଜରାଟ ମୁଖ୍ୟ ଗୋପାଳ ଇଟାଲିଆ, ଆପର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଈଶୁଦାନ ଗ?ବୀ, କଂଗ୍ରେସର ମହେନ୍ଦ୍ରସିଂହ ବାଘେଲ ଓ ଆପର ମନୋଜ ସୋରାଥିୟା ହାରି ଯାଇଛନ୍ତି।

# ଇ-ଗଭର୍ଣ୍ଣାନ୍ସରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ପ୍ରୟୋଗ ପାଇଁ ଅଧିକ ସୁଯୋଗର ଅନୁସନ୍ଧାନ

ଭୁବନେଶ୍ୱର , ୮।୧୨(ପି.ଏନ): ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀମାନଙ୍କ ପାଇଁ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ(ଏଆଇ) - ନୀତି ଏବଂ ଅଭ୍ୟାସ ଉପରେ କର୍ମଶାଳା ଗୁରୁବାର ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇ ଯାଇଛି ।ବୁଟ୍ କ୍ୟାମ୍ପକୁ ଉଦ୍‌ଘାଟନ କରି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢୀ ସୂଚନା ଦେଇଛନ୍ତି ଯେ ଏ.ଆଇକୁ ଡାଂଟା ଖୋଜିବା, ନୂତନ ଅନ୍ତର୍ଦୃଷ୍ଟି ଆବିଷ୍କାର କରିବା, ଉପଲବ୍ଧ ତଥ୍ୟରୁ ଅର୍ଥ ବାହାର କରିବା ଏବଂ ପୂର୍ବାନୁମାନ କରିବା ପାଇଁ ବ୍ୟବହାର କରାଯାଇପାରିବ। ଫସଲ ଅମଳ, ମୃତିକା ସ୍ୱାସ୍ଥ୍ୟ ନିରୀକ୍ଷଣ, ଗୁଳ୍ମ ଏବଂ କୀଟନାଶକ ନିୟନ୍ତ୍ରଣ, ମାଟିରେ ପୁଷ୍ଟିସାରର ଅଭାବ ଚିହ୍ନଟ ଏବଂ କୃଷି କ୍ଷେତ୍ରର ଅନ୍ୟାନ୍ୟ କାର୍ଯ୍ୟରେ ଏଆଇ କିପରି ବ୍ୟବହାର କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ ।ସମ୍ମାନିତ ଅତିଥି, ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ, ଏ.ଆଇରେ ଜ୍ଞାନ, ଯୁକ୍ତି, ସମସ୍ୟା ସମାଧାନ, ଧାରଣା, ଶିକ୍ଷା, ଯୋଜନା ଏବଂ ସ୍ୱୟଂଚାଳିତ ପ୍ରକ୍ରିୟା ପାଇଁ ପ୍ରୋଗ୍ରାମିଂ ସମ୍ପର୍କରେ ଆଲୋଚନା କରିଥିଲେ । ବିଧାନସଭାର ସଦସ୍ୟମାନଙ୍କୁ ସହାୟତା ସେବା ପାଇଁ କଥାବାର୍ତ୍ତା ଇଂଟରଫେସ୍ ଟେକ୍ନୋଲୋଜି ତଥା ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଉପରେ ଆଧାରିତ ଚାଟବଟ୍, ବିଧାନସଭା ଡ୍ରାଫଟକୁ ସ୍ୱୟଂଚାଳିତ କରିବା, ବକ୍ତବ୍ୟ ଚିହ୍ନିବା କୌଶଳ ବ୍ୟବହାର କରି ବିଧାନସଭା ଭିଡିଓଗୁଡ଼ିକୁ ସନ୍ଧାନଯୋଗ୍ୟ କରିବା ଆଦି ଦ୍ୱାରା ଏ.ଆଇ ବ୍ୟବହାର କରାଯାଇପାରିବ ବୋଲି ସେ ମନ୍ତବ୍ୟ ରଖିଥିଲେ ।ସୁଶ୍ରୀ ଶର୍ମିଷ୍ଠା ଦାସଗୁପ୍ତା, ଡିଡିଜି ଏବଂ ମୁଖ୍ୟ, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ରିସୋର୍ସ ଡିଭିଜନ୍, ଏନ.ଆଇ.ସି , ନୂଆଦିଲ୍ଲୀ, ଫଟୋ ଏବଂ ଭିଡିଓ ବିଶ୍ଳେଷଣ, ଭାଷଣ ସଂଶ୍ଳେଷଣ ଏବଂ ଚିହ୍ନଟକରଣ, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ କ୍ଷେତ୍ରରେ ମଡେଲ୍ ବିଲ୍ଡିଂ ସମ୍ପର୍କରେ ବିଭାଗର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।ପ୍ରାରମ୍ଭରେ, ଡେପୁଟି ଡାଇରେକଟର ଜେନେରାଲ୍ (ଟ୍ରେନିଂ) ଡକ୍ଟର ଅଶୋକ କୁମାର ହୋତା ସମସ୍ତଙ୍କୁ ସ୍ୱାଗତ କରି ଶାସନରେ ଏ.ଆଇ ଆବେଦନ ପାଇଁ ଅଧିକ ସୁଯୋଗ ଅନୁସନ୍ଧାନ କରିବା ପାଇଁ ଏନଆଇସି ୨୦୧୯ ରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ଏଆଇ ମୁଖପତ୍ର ଉନ୍ମୋଚନ କରିଥିଲେ ।ବିଭିନ୍ନ ବିଭାଗର ୬୦ରୁ ଅଧିକ ଅଧିକାରୀ ଏହି କର୍ମଶାଳାରେ ଅଂଶଗ୍ରହଣ କରି ବିଭିନ୍ନ ଡୋମେନ୍ ରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସକୁ କିପରି ଏକୀକୃତ କରାଯାଇପାରିବ, ସେ ବିଷୟରେ ବିଶେଷଜ୍ଞମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଏନଆଇସି ନୂଆଦିଲ୍ଲୀର ବିଶେଷଜ୍ଞମାନେ ସ୍ୱଚ୍ଛତା-ଏଆଇ ମୋବାଇଲ୍ ଆପ୍, ମୋଟର ଦୁର୍ଘଟଣା ଦାବି ନଜିର, ଯୋଗାଯୋଗବିହୀନ ଉପସ୍ଥାନ ପାଇଁ ଚେହେରା ଯାଂଚ ସେବା, ଲାଇଫ୍ ସାର୍ଟିଫିକେଟ୍ ମୋବାଇଲ୍ ଆପ୍, ବହୁଭାଷୀ ଚାଟବଟ୍ ଏବଂ ଦ୍ୱିଭାଷୀ ଭଏସ୍ ବଟ୍, ମୃତିକା ସ୍ୱାସ୍ଥ୍ୟ, ପିଏମ୍ କିସାନ୍ ଏବଂ ଜମି ରେକର୍ଡଗୁଡିକରେ କୃଷକଙ୍କ ନାମ ପାଇଁ ଫୋନେଟିକ୍ ଏବଂ ଶବ୍ଦ ସନ୍ଧାନ ପରି ଉପଲବ୍ଧ ବିଭିନ୍ନ ସମାଧାନ ଉପସ୍ଥାପନ କରିଥିଲେ ।

# ଏମକେସିଜି ମେଡିକାଲରେ ଅବ୍ୟବସ୍ଥା : ରଞ୍ଜନ ରଶ୍ମୀ ନିଦାନ କେନ୍ଦ୍ରରେ ଥିବା ମାମୋଗ୍ରାଫିକ୍ସ ମେସିନ୍ ଦୀର୍ଘ ମାସ ହେବ ଅଚଳ

ଗଞ୍ଜାମ,୮।୧୨(ପି.ଏନ): ଏମକେସିଜି ମେଡିକାଲର ରଞ୍ଜନ ରଶ୍ମୀ ନିଦାନ କେନ୍ଦ୍ରରେ ଥିବା ମାମୋଗ୍ରାଫିକ୍ସ ମେସିନ୍ ଦୀର୍ଘ ମାସ ହେବ ଅଚଳ ଅବସ୍ଥାରେ ପଡ଼ି ରହିଛି। ଉକ୍ତ ମେସିନ ସାହାଯ୍ୟରେ ବ୍ରେଷ୍ଟ କ୍ୟାନସର (ସ୍ତନ କର୍କଟ)ର ଚିହ୍ନଟ ସହ ସ୍ତନ ସମ୍ବନ୍ଧୀୟ ଅନେକ ରୋଗ ଚିହ୍ନଟ କରାଯାଇଥାଏ। କିନ୍ତୁ, କୌଣସି ଯାନ୍ତ୍ରିକ ତ୍ରୁଟି ନିମନ୍ତେ ଏହି ମେସିନ୍ ଅଚଳ ହୋଇଥିବା ବେଳେ ଏହାକୁ ମରାମତି କରାଯାଉ ନାହିଁ। ମେଡିକାଲରେ ଏଭଳି ଏକ ମାତ୍ର ମେସିନ ରହିଥିବା ବେଳେ ବିଭିନ୍ନ ବିଭାଗକୁ ଆସିଥିବା ରୋଗୀ ଉକ୍ତ ମେସିନ ଉପରେ ନିର୍ଭର କରନ୍ତି। ହେଲେ ଅନେକ ମାସ ହେବ ମେସିନଟି ଅଚଳ ରହିଥିବାରୁ ମେଡ଼ିକାଲକୁ ଆସୁଥିବା ଅନେକ ରୋଗୀ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଏହା ସହ ଅନେକ ରୋଗୀ ଉକ୍ତ ପରୀକ୍ଷା ନିମନ୍ତେ ଘରୋଇ ଡ଼ାଗ୍ନୋଷ୍ଟିକ ସେଂଟରକୁ ଯାଉଛନ୍ତି। ମେଡ଼ିକାଲରେ ଏଭଳି ବ୍ୟବସ୍ଥା ନିମନ୍ତେ ଘରୋଇ ଡ଼ାଗ୍ନୋଷ୍ଟିକ ସେଂଟର ଗୁଡ଼ିକ ରୋଗୀଙ୍କ ଠାରୁ ଏହି ପରୀକ୍ଷା ନିମନ୍ତେ ଅଢେଇ ହଜାର ଠାରୁ ତିନି ହଜାର ଟଙ୍କା ନେଇ ଥାଆନ୍ତି। ଯାହାକୁ ଜଣେ ସାଧାରଣ ରୋଗୀଙ୍କ ପାଇଁ ଅତି କଷ୍ଟକର ଅଟେ ।ଅନ୍ୟପକ୍ଷରେ ଏଭଳି ଏକ ମେସିନ ବଡ଼ ମେଡିକାଲ ନିକଟରେ ଥିବା ଏକ ଘରୋଇ ଡ଼ାଗ୍ନୋଷ୍ଟିକ ସେଂଟରରେ ଥିବାବେଳେ ଏମକେସିଜିର ରଞ୍ଜନ ରଶ୍ମୀ ବିଭାଗର ଜଣେ ବରିଷ୍ଠ ଡାକ୍ତର ଉକ୍ତ ସ୍ଥାନକୁ ରୋଗୀଙ୍କ ପରୀକ୍ଷା ନିମନ୍ତେ ଯାଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଘରୋଇ ଡ଼ାଗ୍ନୋଷ୍ଟିକ ସେଣ୍ଟର ମାନେ ଭଲ ବ୍ୟବସାୟ କରୁଛନ୍ତି। ତେଣୁ ମେଡିକାଲ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ୱର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡ଼ି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପିଲାମାନେ ଅଭିଭାବକଙ୍କ ଦ୍ୱାରା ନିର୍ଯାତିତ ନୁହଁନ୍ତି କି ?



ପ୍ରତ୍ୟେକ ଦିନ ସକାଳୁ ମୋର ପଡୋଶୀ ଶାରଦା ବାବୁ, ଆମ ଘରକୁ ଆସି ସକାଳ ଚାହା ପର୍ବରେ ଯୋଗ ଦିଅନ୍ତି ଏବଂ ଆଂଚଳିକ ତାଜା ଖବର ସବୁ ଆମ ଆଗରେ ପରିବେଷଣ କରିବା ସଙ୍ଗେ ସଙ୍ଗେ, ବିଭିନ୍ନ ସାମାଜିକ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରନ୍ତି। ଗତକାଲି ସକାଳୁ ଭାରି ବ୍ୟସ୍ତ ହୋଇ କହିଲେ, ଭାଇ ଜାଣିଲେଣି ନା? ଅଭିରାମବାବୁଙ୍କ ସାନପୁଅ ଦୁଇଦିନ ହେବ ଘରଛାଡି କେଉଁଆଡେ ପଳାଇ ଯାଇଥିଲା, ବହୁତ ଖୋଜାଖୋଜି ପରେ ତାକୁ ଜଣେ ସାଙ୍ଗ ଘରୁ ପାଇ, ଆଜି ଘରକୁ ଆଣିଛନ୍ତି। ମୁଁ ତାଙ୍କୁ ପଚାରିଲି, କ'ଣ ପାଇଁ ସେ ଘରୁ ପଳାଇଗଲା? ସେ କହିଲେ ଗତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ, ସେ କ'ଣ ଟିକିଏ କେଉଁ ବିଷୟରେ କମ୍ ନମ୍ବର ରଖିଥିଲା। ସେଥିପାଇଁ ତା' ବାପାଙ୍କ ନିଷ୍ଠୁର ଭର୍ତ୍ସନା ତା' ପାଇଁ ଅସହ୍ୟ ହୋଇ ଯାଇଥିଲା। ପିଲାଟି କିନ୍ତୁ ବହୁତ ସରଳ, ଭଲ ପିଲାଟିଏ। ଯେଉଁଠି ଦେଖାହୁଏ, ଟିକିଏ ହସିଦେଇ ନମସ୍କାରଟି କରିବାକୁ ଆଦୌ ଭୁଲେନି। ଅଭିରାମବାବୁଙ୍କ ବଡ ପୁଅ ଡାକ୍ତରୀ ପଢୁଛି, ତେଣୁ ସାନ ପୁଅ ଡାକ୍ତରୀ ପଢୁ, ଏଇ ଇଚ୍ଛାକୁ ସାକାର କରିବା ପାଇଁ, ସେ ତା' ପଛରେ ପୁରା ଲାଗି ଯାଇଛନ୍ତି। ମୁଁ କହିଲି ଦେଖନ୍ତୁ ଶାରଦାବାବୁ, ଅଭିରାମବାବୁଙ୍କ ଭାଗ୍ୟ ଭଲ, ପିଲାଟି ଆଉ କିଛି କରିନାହିଁ। ଆଜିକାଲି ପିଲାମାନଙ୍କର ଧୈର୍ଯ୍ୟ ଓ ସହନଶୀଳତା ଏତେ କମ୍ ଏବଂ ସ୍ୱାଭିମାନ ଏତେ ବେଶୀ ଯେ, ସାମାନ୍ୟ ସାମାନ୍ୟ କଥାରେ ସେମାନେ ଅସହିଷ୍ଣୁ ହୋଇ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି। ଆଉ ମୋ ମତରେ ଅଭିଭାବକମାନେ ଏଥିନିମନ୍ତେ ଶତ ପ୍ରତିଶତ ଦାୟୀ। ପ୍ରତିଯୋଗିତାମୂଳକ ଯୁଗରେ ସମସ୍ତେ ଚାହୁଁଛନ୍ତି ମୋ ପିଲା ଅନେଶୋତ କିମ୍ବା ଶତ ପ୍ରତିଶତ ନମ୍ବର ରଖୁ। ବୁଝୁନାହାନ୍ତି ପିଲାଟିର ଶକ୍ତି କେତେ। ଦଶ କିଲୋଗ୍ରାମ ବୋଝ ବହନ କରିପାରୁଥିବା ପିଲାକୁ ଯଦି ପଚାଶ କିଲୋଗ୍ରାମ ବୋଝ ବୋହିବାକୁ ବାଧ୍ୟ କରାଯିବ, ତେବେ ତାହା ପ୍ରକାରନ୍ତରେ ଏକ ମାନସିକ ନିର୍ଯାତନା ନୁହେଁ କି? ପିଲାଟି ଦିନରୁ ପିଠିରେ ଓଜନଦାର ବସ୍ତାନୀର ବୋଝ ବୋହି, ବିଦ୍ୟାଳୟ ପାଠ ସାଙ୍ଗକୁ ଗୋଟିଏ ଦୁଇଟି ଟିଉସନ, ସାଙ୍ଗ ସାଥୀମାନଙ୍କ ସହିତ ମିଶିବାକୁ ବାରଣ, ଖେଳକୁଦ ନକରି ସର୍ବଦା ବହି ଧରି ପଢିବାର କଡା ନିର୍ଦ୍ଦେଶ ଏବଂ ସର୍ବୋପରି ଦକ୍ଷତା ଆକଳନ ନକରି ସେମାନଙ୍କଠାରୁ ଅଧିକରୁ ଅଧିକ ଫଳ ଆଶା କରିବା ଯେ କେତେ ନିଷ୍ଠୁରତା, ଆପଣ ଚିନ୍ତା କରିପାରୁଛନ୍ତି ତ? ପଡିଶା ଘର ପିଲା ବା ତାର ସାଙ୍ଗ ସାଥୀଙ୍କ ଅଧିକ ଦକ୍ଷତା ସାଙ୍ଗରେ ତୁଳନା କରି ବାରମ୍ବାର ତାକୁ ଛୋଟ କରିଦେବା, ପିଲାଟି ସବୁ ବିଷୟରେ ଭଲ ଫଳ ପ୍ରଦର୍ଶନ କରି, ଯଦି ଗୋଟିଏ ବିଷୟରେ କମ୍ କରିଦେଇଥାଏ, ସବୁ ଭଲ ପାଇଁ ପ୍ରଶଂସା ନକରି, ଗୋଟିଏ କମ୍ ପାଇଁ କଟୁ ଭର୍ତ୍ସନା କରିବା, ପିଲାଟିର ମାନସିକତାରେ କି ପ୍ରକାର ଅବସାଦ ସୃଷ୍ଟି କରୁଥିବ, ତାହା କିଛି ଅଭିଭାବକମାନଙ୍କ ଚେତନାକୁ ସ୍ପର୍ଶ କରି ପାରୁଛି କି? ବାପା ମାଆ, କେଜେବାପା କେଜେମା'ଙ୍କ ସ୍ନେହଶ୍ରଦ୍ଧାରୁ ବଂଚିତ କରି, ପିଲାମାନଙ୍କୁ ଆବାସିକ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ କରିବାର ନିଷ୍ଠୁର ପ୍ରବୃତ୍ତି, ସେମାନଙ୍କ ମନରେ ନକାରାତ୍ମକ ଚିନ୍ତା ସୃଷ୍ଟି କରିବା ସ୍ୱାଭାବିକ। ପିଲାଙ୍କୁ ଭଲ ପାଠ ପଢାଇ, ଅଧିକ ରୋଜଗାର କରାଇବାର ମୋହରେ, ଅଭିଭାବକମାନେ ନିଶାଗ୍ରସ୍ତ। ପିଲାଟି ମନରୁ ସ୍ନେହ ଶ୍ରଦ୍ଧାର ନିର୍ଝର ଶୁଷ୍କ ହୋଇଯାଇ, ସେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇଯାଉଛି, ଏକଥା ଆମ କହନାରେ ସ୍ଥାନୀତ ହୋଇପାରୁନାହିଁ, ଯାହାର ସୁଦୂରପ୍ରସାରୀ କୁଫଳର ଜ୍ୱଳନ୍ତ ପ୍ରମାଣ ହେଉଛି, ଜରାଶ୍ରମରେ ଶେଷ ଜୀବନ ଯାପନ। ଏହା କି ବୃଦ୍ଧକର୍ମଙ୍କ ଦୋଷ, ନା ପିଲାମାନଙ୍କର ଦୋଷ? ସମସ୍ତେ କହୁଛନ୍ତି, ପିଲାମାନେ ବୃଦ୍ଧ ପିତାମାତାଙ୍କୁ ଅବହେଳା ପ୍ରଦର୍ଶନ କରୁଛନ୍ତି। କିନ୍ତୁ ପ୍ରକୃତରେ ବାସ୍ତବତା କିଛି ଅଲଗା। ମୁଁ ଆପଣଙ୍କୁ ମୋର ପ୍ରାତଃ ଭ୍ରମଣ ସାଥୀ, ଶାନ୍ତନୁବାବୁଙ୍କ କଥା କହୁଛି ଶୁଣନ୍ତୁ। କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କ ସଫଳତା ଅନ୍ୟମାନଙ୍କ ଆଗରେ ସଦାସର୍ବଦା ଗପି ମନେମନେ ଗର୍ବ ଅନୁଭବ କରନ୍ତି। ଶାନ୍ତନୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରତ୍ୟେକ ଦିନ ମୋ' ଆଗରେ ଗପନ୍ତି, ବଡ ପୁଅଟି ମୋର ହୀରା, ଆମେରିକାର ଗୋଟିଏ ବଡ ଆଇଟି କମ୍ପାନୀ ମ୍ୟାନେଜର, ତା'ର କେତେ ବଡ ବଙ୍ଗଳା, କେତେ ଦାମୀ ଗାଡି, କେତେ ଅଧିକ ଦରମା ପାଉଛି, ତା' ସ୍ତ୍ରୀ ମଧ୍ୟ ଇଞ୍ଜିନିୟର ଇତ୍ୟାଦି ଇତ୍ୟାଦି। ଆଉ ମଝିଆଁ ପୁଅଟି ମୋର ସୁନା। ଡାକ୍ତରୀ ପାଶ୍ କରୁକରୁ ବମ୍ବେର ଗୋଟିଏ ବଡ ହସପିଟାଲ୍‌ରେ ଜଏନ୍ କରି ଜବ୍ ପାଇଗଲା ଆଉ ସେଇ ହସପିଟାଲ୍‌ର ଜଣେ ଡାକ୍ତରାଣୀ ସହିତ ବିବାହ ମଧ୍ୟ ହୋଇଗଲା। ସିଏ ବି କିଛି କମ୍‌ରେ ନାହିଁ। ଏତିକି କହି ସେ ନୀରବ ହୋଇଯିବା ପରେ ମୁଁ ପଚାରେ ଆଉ ସାନ ପୁଅ କଥା କିଛି କହିଲେ ନାହିଁ? ସେ କୁହନ୍ତି, ତା' କଥା ମୋତେ କିଛି ପଚାରନ୍ତୁ ନାହିଁ, ସେଇଟା ମୋର କୁଳାଙ୍ଗାର ପୁଅ। ଯାହିତାହି ବି.ଏ. ଖଣ୍ଡିଏ ପାଶ୍ କରିବା ପରେ, ବଜାର ଛକରେ ତାକୁ ଗୋଟିଏ ବହି ଦୋକାନ କରି ବସାଇ ଦେଇଛି। ମୋ' ମୁଣ୍ଡଟାକୁ ସିଏ ତଳକୁ କରିଦେଲା। କନ୍ୟା ଖୋଜି ଖୋଜି, ଗୋଟିଏ ଗରିବ ଘର ଝିଅ, ତା' ବାପା ଟଙ୍କାଟିଏ ଯୌତୁକ ଦେଲା ନାହିଁ, ହାତରୁ ଖର୍ଚ୍ଚକରି ବାହାଘର କରି ଦେଇଛି। ଯେତେବେଳେ ଶାନ୍ତନୁବାବୁ ତାଙ୍କ ବଡ ଦୁଇ ପୁଅଙ୍କର ସଫଳତା ବଖାଣନ୍ତି, ତାଙ୍କର ଗର୍ବ ଓ ଅହଂକାରଜନିତ ଆନନ୍ଦ ବିସ୍ଫୋରିତ ହେବା ପରି ପ୍ରତୀୟମାନ ହୁଏ। ଏହିପରି କିଛିଦିନ ଗପିବା ପରେ ମୁଁ ଅନୁଭବ କଲି ତାଙ୍କ ଗପିବାର ଉତ୍ସାହରେ କିଛିଟା ଭଟ୍ଟା ପଡି ଆସୁଛି, ଉଚ୍ଛ୍ୱଳିତ ପ୍ରବାହରେ କିଛି ଗାମ୍ଭୀର୍ଯ୍ୟତା ପରିଲକ୍ଷିତ ହେଉଛି। ମୁଁ ଦିନେ ପଚାରିଦେଲି, ଭାଇ ଆଉ ପୁଅମାନଙ୍କ କଥା କ'ଣ କିଛି କହୁନାହାନ୍ତି! ସେ କହିଲେ ନାଇଁ, ସେମାନେ ତାଙ୍କ ସଂସାର ନେଇ ଦୂରରେ ରହିଲେ, ଆମେ ତ' ଦୁଃଖକଷ୍ଟେ ଏଇଠି ଅଛୁ। ଫୋନ କଲେ ମଧ୍ୟ ବ୍ୟସ୍ତତା ଭିତରେ ସେମାନେ ଆମ ସହିତ ଯୋଗାଯୋଗ କରିପାରୁନାହାନ୍ତି। ଖାଲି ପଇସା ପଠାଇ ଦେଉଛନ୍ତି। ଆପଣ କହିଲେ, ପଇସା କ'ଣ କଥା କହିବ ନା ଆମ ଦେହ ମୁଣ୍ଡରେ ଟିକିଏ ହାତ ମାରିଦେବ? ତା'ପରେ ମୁଁ ପଚାରିଲି ଆଉ ସାନ ପୁଅ କଥା କ'ଣ? ଏଇ ପ୍ରଶ୍ନରେ ତାଙ୍କ ମୁହଁର ଭାବପ୍ରବଣତା ଏବଂ ଚକ୍ଷୁ ଲୋତକପ୍ଲାବିତ ହେବାର ଅବସ୍ଥାକୁ, ସେ ମୋ' ପାଖରେ ଲୁଚାଇବାକୁ ଚେଷ୍ଟା କରି ମଧ୍ୟ ପାରିଲେ ନାହିଁ। କୋହଭରା କଣ୍ଠରେ କହିଲେ, ଭାଇ ସେଇ କୁଳାଙ୍ଗାର ପୁଅ ପାଇଁ ଆମେ ବୁଢାବୁଢୀ ଦୁଇଜଣ, ଆଜି ପର୍ଯ୍ୟନ୍ତ ବଂଚିଛୁ। ଯେଉଁ ଗରିବ ଘର ବୋହୂଟିକୁ ମୁଁ ପ୍ରଥମେ ଟିକିଏ ହୀନଦୃଷ୍ଟିରେ ଦେଖୁଥିଲି, ସେ ଘରର ଯାବତୀୟ କାର୍ଯ୍ୟ କରି ମଧ୍ୟ, ଆମ ସେବା ଯତ୍ନରେ କାଣିଚାଏ ତ୍ରୁଟି କରୁନାହାଁନ୍ତି। ତାଙ୍କଠାରୁ ଏଇ ଉତ୍ତରକୁ ପାଇବା ପାଇଁ ମୁଁ ଅନେକ ବିନମ୍ର ଅପେକ୍ଷା କରିଥିଲି। ତା'ପରେ ମୁଁ ଶାରଦାବାବୁଙ୍କୁ ପଚାରିଲି, ଭାଇ ଆମ ପାଇଁ କେଉଁ ପୁଅର ଆବଶ୍ୟକତା ବେଶୀ, ହୀରା, ସୁନା ପୁଅର? ନା କୁଳାଙ୍ଗାର ପୁଅର? ଶାରଦବାବୁ କହିଲେ ଅଗ୍ନିର ଦାହିକା ଶକ୍ତି ଜାଣି ମଧ୍ୟ ପତଙ୍ଗ ତା' ଆଡ଼କୁ ଆକର୍ଷିତ ହେବା ପରି, ଆଜିର ଅଭିଭାବକମାନେ କୁହୁଡ଼ି ପଛରେ ଧାଉଁଛନ୍ତି। ପିଲାମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରି, ବଡ଼ ବଡ଼ ପଦବୀରେ ଅଧିଷ୍ଠିତ କରାଇବାର ତୀବ୍ର ପ୍ରତିଯୋଗିତାରେ ଆମ୍ଭମାନେ ଅଣନିଃଶ୍ୱାସୀ ହେବା ସଙ୍ଗେ ସଙ୍ଗେ, ପିଲାମାନଙ୍କୁ ଯେ ପରୋକ୍ଷ ଭାବରେ କିପରି ନିର୍ଯାତିତ କରୁଛୁ, ତାହା ଆମେ ଅନୁଭବ କରିପାରୁନାହୁଁ ଏବଂ ଯାହାର କୁପରିଣାମ ଆମ୍ଭମାନଙ୍କୁ ହିଁ ଭୋଗିବାକୁ ପଡୁଛି। ଆଜିକାଲି ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବା ସାଙ୍ଗକୁ ନୈତିକ ଶିକ୍ଷା ଏବଂ ମାନବିକତା ଧର୍ମ ଶିକ୍ଷା ପ୍ରଦାନ କରିବା ମଧ୍ୟ ଏକାନ୍ତ ଆବଶ୍ୟକ। ନିଷ୍ପତି ଆମ୍ଭମାନଙ୍କ ହାତରେ। ନା ଆପଣ କ'ଣ କହୁଛନ୍ତି କୁହନ୍ତୁ?

—ପ୍ରଦୀପ୍ତ ଆଚାର୍ଯ୍ୟ
ଜଗୋଶୀବ୍ରହ୍ମପୁର, କଟକ, ମୋ-୭୩୭୭୧୫୯୩୨୨୦

# ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ଓ ସୁପ୍ରିମକୋର୍ଟ କଲେଜିୟମ ବ୍ୟବସ୍ଥା

ଯୁଧିଷ୍ଠିର ମହାରଣା



ରାଷ୍ଟ୍ର ବ୍ୟବସ୍ଥାରେ ଏକ ଗଣତାନ୍ତ୍ରିକ ଦେଶର ସାମ୍ବିଧାନିକ ସ୍ୱାଧୀନ ଅଙ୍ଗଗୁଡ଼ିକ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବାର ବିଧି ରହିଛି। ବିଧାନପାଳିକା ଆଇନ ତିଆରି କରେ, କାର୍ଯ୍ୟପାଳିକା ତାହାକୁ କାର୍ଯ୍ୟକାରୀ କରେ ଏବଂ ନ୍ୟାୟପାଳିକା ସେହି ଆଇନର ବୈଧତାକୁ ତନଖି ଓ ତର୍ଜମା କରି ଏହା ସମ୍ବିଧାନ ସମର୍ଥିତ କି ନୁହେଁ, ତାହା ଦେଖେ। ଆମେ ଦେଖୁଛୁ ଯେ ଭାରତୀୟ ଗଣତନ୍ତ୍ର ଯେତେ ପାକଳ ହେଉଛି, ସେଥିରେ କାର୍ଯ୍ୟପାଳିକା ଓ ବିଧାନପାଳିକା ସେତେ ଅଧିକ ଶକ୍ତିଶାଳୀ ହେବାକୁ ଚେଷ୍ଟା କରୁଛି। ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ଲୋକପ୍ରତିନିଧି ଦେଶର ସାର୍ବଭୌମ ଅନୁଷ୍ଠାନରେ ଅଧିକ କ୍ଷମତାଶାଳୀ ହେବାକୁ ଚେଷ୍ଟା କରୁଛନ୍ତି। ଏହି ପ୍ରକ୍ରିୟାରେ ବେଳେ ବେଳେ ସମ୍ବିଧାନର ମୂଳ ନୀତି ଓ ଆଦର୍ଶର ଉଲ୍ଲଂଘନ ହେବା ଭଳି କାର୍ଯ୍ୟ ହେଉଛି ଏବଂ ନ୍ୟାୟପାଳିକାକୁ ଏଥିରେ ବାଧ ହୋଇ ହସ୍ତକ୍ଷେପ କରିବାକୁ ପଡୁଛି। ଆହୁରି ମଧ୍ୟ ଆମେ ଦେଖୁଛୁ ଯେ ଗୋଟିଏ ସମୟ ଥିଲା ଯେତେବେଳେ ନ୍ୟାୟପାଳିକାର ଅତିକ୍ରିୟା ବିଧାନପାଳିକା ଓ କାର୍ଯ୍ୟପାଳିକା ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ପ୍ରତ୍ୟେକ ନୂଆ ଆଇନର ନ୍ୟାୟିକ ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ଅଧିକୃତ ବୋଲି ଏହାର ଏକ ପାଠ ମତ ଦେଇ ଶାସନ ବ୍ୟବସ୍ଥା ଓ ଆଇନ ପ୍ରଣୟନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା। ଅବଶ୍ୟ ଆଜି ନ୍ୟାୟପାଳିକାର ସେହି ଅତିକ୍ରିୟା ବା ଜୁଡ଼ିସିଆଲ ଆକ୍ଟିଭିଜିମ୍ ଆଗ ଭଳି ନାହିଁ ତଥାପି ନ୍ୟାୟପାଳିକା ସହିତ କାର୍ଯ୍ୟପାଳିକା ଓ ବିଧାନପାଳିକାର ସମ୍ପର୍କ ଆଗଭଳି ସୁସମନ୍ୱିତ ନ ଥିବା ପରି ଜଣାପଡ଼େ।

ଯେବେଠାରୁ ଜାତୀୟ ବିଚାର ବିଭାଗୀୟ ନିଯୁକ୍ତି ଆୟୋଗକୁ ସର୍ବୋଚ୍ଚ ଅଦାଲତର ସମ୍ବିଧାନ ପାଠ ନାକଚ କରିବା ସହିତ ସମ୍ବିଧାନର ୯୯ ତମ ସଂଶୋଧନକୁ ବେଆଇନ ଘୋଷଣା କଲେ ସେବେଠାରୁ ନ୍ୟାୟପାଳିକା ବିଶେଷକରି ସୁପ୍ରିମକୋର୍ଟ ସହିତ କେନ୍ଦ୍ର ସରକାରଙ୍କର ସମ୍ପର୍କ କ୍ଷୁର୍ଣ୍ଣ ହୋଇଛି।

ଆମ ମତରେ ଏନଜେଏସିର ଔଚିତ୍ୟ ସନ୍ଦୋହାତୀତ ଥିଲା। କୌଣସି ଦେଶରେ ବିଚାରପତିମାନେ ନିଜେ ନୂଆ ବିଚାରପତି ନିଯୁକ୍ତ କରିବାର ବ୍ୟବସ୍ଥା ନାହିଁ। ଆହୁରି ମଧ୍ୟ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ କିଏ ବିଚାରପତି ହେବେ, ତାହା ସର୍ବୋଚ୍ଚ ଅଦାଲତରେ ଏକ କଲେଜିୟମ ଏକ ପାରମ୍ପରିକ ଗୋଷ୍ଠିଭିତ୍ତିକ ପ୍ରକରଣ ଚୂଡ଼ାନ୍ତ କରେ, ଯେଉଁଥିରେ କେବଳ ପାଞ୍ଚଜଣ ବରିଷ୍ଠ ବିଚାରପତି ସଭ୍ୟ ଥାଆନ୍ତି। ଏହା ଗଣତାନ୍ତ୍ରିକ ନୁହେଁ ବରଂ ସେମାନଙ୍କ ଦ୍ୱାରା ନୂତନ ବିଚାରପତି ଚୟନ ପ୍ରକ୍ରିୟା ଅସ୍ୱଚ୍ଛ ବୋଲି ଅଭିଯୋଗ ହୋଇଆସିଛି। ତେବେ ଏହି କଲେଜିୟମ ବ୍ୟବସ୍ଥା ସମ୍ବିଧାନରେ ଉଲ୍ଲେଖ ନାହିଁ। ୧୯୯୩ରେ ସେକେଣ୍ଡ ଜଜ୍ ମାମଲାରେ ସୁପ୍ରିମକୋର୍ଟର ୯ଜଣିଆ ଖଣ୍ଡପୀଠ ଦ୍ୱାରା ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହି ନୂତନ ପ୍ରକ୍ରିୟା ହେଲା ସୁପ୍ରିମକୋର୍ଟର ପାଞ୍ଚଜଣ ବରିଷ୍ଠ ବିଚାରପତି ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ହାଇକୋର୍ଟ ଓ ସୁପ୍ରିମକୋର୍ଟର ନୂତନ ବିଚାରପତି ନିଯୁକ୍ତି ପାଇଁ ନାମ ଚୟନ କରିବେ ଏବଂ କେନ୍ଦ୍ର ସରକାରଙ୍କୁ ନିଯୁକ୍ତି ସୁପାରିଶ କରିବେ। ଏହାପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଆବଶ୍ୟକୀୟ ପ୍ରଶାସନିକ ତନଖି କରି ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପତ୍ର ବିଜ୍ଞପିତ କରିବେ। ପରେ ଏହା ଏକ ବାଧ୍ୟତାମୂଳକ ପରମ୍ପରାରେ ପରିଣତ ହେଲା ଏବଂ କଲେଜିୟମର ସୁପାରିଶକୁ କେନ୍ଦ୍ର ସରକାର କେବଳ ମାତ୍ର ଔପଚାରିକ ଅନୁମୋଦନ କରିପାରୁଥିଲେ। ବିଚାରପତି ମନୋନୟନ ପ୍ରକ୍ରିୟା ଗୁପ୍ତ ରହିବାରୁ ଅନେକ ଯୋଗ୍ୟ ପ୍ରାର୍ଥୀ ଏଥିରୁ ବାଦ ପଡୁଥିଲେ। ତେଣୁ ସରକାର ସର୍ବଦଳୀୟ ସହମତିରେ ଏନଜେଏସିର ପରିକଳ୍ପନା କରି ବିଚାରପତି ନିଯୁକ୍ତିକୁ ସ୍ୱଚ୍ଛ ଯୋଗ୍ୟତାଭିତ୍ତିକ ଏବଂ ପ୍ରିୟାପ୍ରୀତି ତୋଷଣରୁ ମୁକ୍ତ କରିବାକୁ ଉଦ୍ୟମ କରିଥିଲେ। ଦେଶର ପାର୍ଲାମେଣ୍ଟ ସମେତ ୨୧ଟି ରାଜ୍ୟ ବିଧାନସଭା ଏ ସଂକ୍ରାନ୍ତ ପ୍ରସ୍ତାବ ଓ ସମ୍ବିଧାନ ସଂଶୋଧନ ବିଧେୟକକୁ ଅନୁମୋଦନ କରିବା ସତ୍ତ୍ୱେ ୩-୨ ଭୋଟ ଆଧାରରେ ସୁପ୍ରିମକୋର୍ଟର ସମ୍ବିଧାନ ବେଞ୍ଚ ଏହାକୁ ୨୦୧୫ରେ ରଦ୍ଦ କରିଦେଲା। କୁହାଗଲା ଯେ ଏହାଦ୍ୱାରା ସମ୍ବିଧାନର ମୌଳିକ ଢ଼ାଞ୍ଚା ପ୍ରଭାବିତ ହେବ। ତା'ପରଠାରୁ କଲେଜିୟମ ଓ ସରକାରଙ୍କ ମଧ୍ୟରେ ବଳ କଷାକଷି ଚାଲିଛି। କଲେଜିୟମ ସୁପାରିଶକୁ ସରକାର ଜାଣିଶୁଣି ବିଳମ୍ବ କରୁଛନ୍ତି କିମ୍ବା ମନୋନୀତ ନାମ ଉପରେ ଆପତ୍ତି ଉଠାଇ ତାହାକୁ ପକାଇ ରଖୁଛନ୍ତି। ଏହାଫଳରେ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି ଏବଂ ଲୋକେ ନ୍ୟାୟ ପାଇବାରେ ଅସୁବିଧା ଭୋଗୁଛନ୍ତି।

ନିକଟରେ ଅବସର ନେଇଥିବା ପ୍ରଧାନ ନ୍ୟାୟାଧୀଶ ୟୁୟୁ ଲଳିତ ତାଙ୍କ ସ୍ୱଳ୍ପଦିନର କାର୍ଯ୍ୟକାଳ ମଧ୍ୟରେ କେତେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ କଲେଜିୟମ ବ୍ୟବସ୍ଥାରେ ଥିବା ଦୁର୍ବଳତା ପଦାରେ ପଡ଼ିଥିଲା। ସୁପ୍ରିମକୋର୍ଟର ନୂଆ ବିଚାରପତିଙ୍କ ନାମ ଚୂଡ଼ାନ୍ତ ପାଇଁ ସେ ଯେଉଁ ବିଜ୍ଞପ୍ତି ମାଧ୍ୟମରେ କଲେଜିୟମର ସଦସ୍ୟମାନଙ୍କୁ ଅବଗତ କରାଇଥିଲେ, ତାହାକୁ ପଦ୍ଧତିଗତ ଅସଂଗତି ଦର୍ଶାଇ ବର୍ତ୍ତମାନର ପ୍ରଧାନ ବିଚାରପତିଙ୍କ ସମେତ ଦୁଇଜଣ ବୈଠକରେ ଯୋଗ ଦେଇନଥିଲେ। ଫଳରେ କାହାର ନାମ ସୁପାରିଶ କରାଯାଇପାରି ନ ଥିଲା। ପାଞ୍ଚଜଣ କଲେଜିୟମ ସଭ୍ୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରୁ ନ ଥିବାବେଳେ ଏମାନଙ୍କଠାରୁ ଯୋଗ୍ୟ ବିଚାରପତି ନିଯୁକ୍ତି ଆଶା କରିବା ବୃଥା ବୋଲି ଅନେକ ଆଇନଜୀବୀ ମତ ଦେଇଥିଲେ। ଏନଜେଏସି ଏବେ ଇତିହାସ ପାଲଟି ଯାଇଥିବାବେଳେ ଏହା ଉପରେ ଆଲୋଚନାର କି ଯଥାର୍ଥତା ରହିଛି? ଏଇ ଭାରତରେ ବେଳେବେଳେ ବିଚିତ୍ର ଘଟଣା ସବୁ ଘଟେ, ଯାହା ଅତୀତକୁ ଖୋଜି ସେଥିରୁ କିଛି ଅର୍ଥ ବାହାର କରେ। ଏବେ ସେଭଳି ଘଟଣା ଘଟିଛି। ଏକ ରିଟ୍ ଆବେଦନର ବିଚାର କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ବିଚାରପତି ନିଯୁକ୍ତି ସଂକ୍ରାନ୍ତ ମାମଲାର ପୁନର୍ବିଚାର ଏବଂ ଏନଜେଏସିକ ପୁନଃ ବାହାଲ କରିବା ଆବେଦନର ଶୁଣାଣି କରିବାକୁ ସବୁଜ ସଂକେତ ଦେଇଛନ୍ତି। ସମ୍ବିଧାନର ୯୯ତମ ସଂଶୋଧନକୁ ରଦ୍ଦ କରି ୨୦୧୫ରେ ଜନତା ଇଚ୍ଛାକୁ ସର୍ବୋଚ୍ଚ ଅଦାଲତ ଖାରଜ କରି ଦେଇଥିଲେ ବୋଲି ଆବେଦନକାରୀ ଆଡ଼ଭୋକେଟ ମାଥ୍ୟୁ ଜେ ନେଦୁମ୍ପରା ଦର୍ଶାଇଛନ୍ତି। ତେଣୁ ଏହାର ପୁନର୍ବିଚାର କରି ସେ ଜୁଡ଼ିସିଆଲ ନିଯୁକ୍ତି କମିଶନକୁ ପୁନଃବାହାଲ କରିବାକୁ ପ୍ରାର୍ଥନା କରିଛନ୍ତି। ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନୂତନ ବିଚାରପତିମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଏକ ଉତ୍ତମ, ପୂର୍ଣ୍ଣାଙ୍ଗ ଓ ସ୍ୱଚ୍ଛ ବ୍ୟବସ୍ଥା ରହିବା ଆବଶ୍ୟକ। ଏଥିରେ ଉଭୟ ସୁପ୍ରିମକୋର୍ଟର କଲେଜିୟମ ଓ କେନ୍ଦ୍ର ସରକାରଙ୍କର ସମାନ କ୍ଷମତା ରହିବା ଆବଶ୍ୟକ। କୌଣସି ନିର୍ଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥାର ଅନୁପସ୍ଥିତିରେ ସୁପ୍ରିମକୋର୍ଟ କଲେଜିୟମ ପ୍ରକ୍ରିୟା ନୂତନ ବିଚାରପତି ଚୟନ ପାଇଁ ଆରମ୍ଭ କରାଯାଇଥିଲା। ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ ଗଠନ ପାଇଁ ସମ୍ବିଧାନ ସଂଶୋଧନ ରାଷ୍ଟ୍ରୀୟ ସହମତି ଉପରେ ଆଧାରିତ ଥିଲା। ଏବେ ଏହି ନୂତନ ରିଟ ଶୁଣାଣି ମାଧ୍ୟମରେ ଉଚ୍ଚତମ ଅଦାଲତ ନିଜର ପୂର୍ବ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଗ୍ରହଣ କରିବା ନିଶ୍ଚିତ ସ୍ୱାଗତଯୋଗ୍ୟ।

-ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮

## ଭାରତ ସରକାରଙ୍କ ଦ୍ୱାରା ଷ୍ଟେଟ ବ୍ୟାଙ୍କ ଡିଜିଟାଲ ଲାଇଫ ସାର୍ଟିଫିକେଟ ସମ୍ମିସନ କ୍ୟାମ୍ପ

କଟକ (ପିଏନ୍): କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାଆନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଳ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଉଆଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଊର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ।

## ନାକଚେଶୀ ପୀଠରେ ଅଖଣ୍ଡ ନାମଯଜ୍ଞ ଓ ପଞ୍ଚଶଖା ଯଜ୍ଞ

କଟକ (ପିଏନ୍): ସ୍ଥାନୀୟ ବାଲିକୁଦା ଅନ୍ତର୍ଗତ ଅଚ୍ୟୁତପୁରର ନାକଚେଶୀ ପୀଠରେ ଅଖଣ୍ଡ ନାମଯଜ୍ଞ ଓ ପଞ୍ଚଶଖା ଯଜ୍ଞ ତ୍ରିଦିବସ ବ୍ୟାପୀ ଆଧାତ୍ମିକ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ନାମଯଜ୍ଞ କଳସ ଅଧିବାସ, ସୂର୍ଯ୍ୟପୂଜା, ଗ୍ରାମଦେବତୀ ପୂଜା ଓ ଅହୋରାତ୍ର ଅଖଣ୍ଡ ନାମ ସଂକୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ସୁଶିଆ ସ୍ୱାଇଁ, ସୁକାନ୍ତ ଦାସ, ବିପିନ ଓଝା, ସନତ କୁମାର ଓଝା, ଆଲୋକ କୁମାର ଓଝା, କାଳନ୍ଦୀ ଲେଙ୍କା, ସୋନୁ ଲେଙ୍କା, ଚନ୍ଦନ ସ୍ୱାଇଁ, ବସନ୍ତ ନାୟକ, କୈଳାସ ନାୟକ, ଦିଲ୍ଲୀପ ଦାସ, ସୁଜନା ଦାସ ପ୍ରମୁଖ ପରିଚାଳନା କରିଥିଲା। ଦଶ ମଣ୍ଡଳ ନାମ ସଂକୀର୍ତ୍ତନ ଗୋଷ୍ଠୀ ଯୋଗ ଦେଇଥିବାବେଳେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଆଧାତ୍ମିକ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ଉଦ୍‌ଯାପନୀ ଦିବସରେ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ କଟକ ଧବଳେଶ୍ୱର ଗଡ଼ାର ଭାଗବତ ଗାଦି, ଗାଦିବ୍ରହ୍ମ ଓ ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ସମାଜସେବୀ ତ୍ରିନାଥ ଓଝା ଓ ମହିଳା ଶାଖାର ସଭାନେତ୍ରୀ ହେନାରାଣୀ ଓଝା ସମବେତ ଭକ୍ତ ମଣ୍ଡଳୀ ଓ ଓଡ଼ିଶାବାସୀଙ୍କ ଆଧାତ୍ମିକ ଜାଗରଣ ପାଇଁ ପ୍ରାର୍ଥନା ପୂର୍ବକ କୃତଜ୍ଞତା ଜ୍ଞାପନ କରିଥିଲେ।

## ଭୋଟର ସଚେତନତା ରଥର ଶୁଭାରମ୍ଭ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲାପାଳଙ୍କ ପରିସରରୁ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସୁଚାରୁ ବଳ ଏହି ରଥର ଶୁଭାରମ୍ଭ କରିଥିବା ବେଳେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ସହକାରୀ ଜିଲ୍ଲାପାଳ ଶ୍ରୀମତୀ ସ୍ୱାଗତୀକା ଦାସ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଏକ ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବା ନିମନ୍ତେ ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରିବା ପାଇଁ ମଧ୍ୟ ଭୋଟର ମାନଙ୍କୁ ଏହି ଅବସରରେ ଆହୁରି ସଚେତନ କରାଯିବ। ୧୮ ବର୍ଷ ହେବା କ୍ଷଣି ଆବେଦନକାରୀର ନାମ ଭୋଟର ତାଲିକାରେ ଦରଜ ହେବ ଏବଂ ତା' ନାମରେ ଭୋଟର ପରିଚୟ ପତ୍ର ଜାରି କରାଯିବ। ଏହିପରି ଭାବରେ ନୂତନ ଭୋଟର ଭାବେ ପରିଗଣିତ ହେବା ପାଇଁ ଏକବର୍ଷ ମଧ୍ୟରେ ଚାରିଥର ସୁଯୋଗ ମିଳିବ। ଆବେଦନ କରିବା ନିମନ୍ତେ ବ୍ୟକ୍ତିବିଶେଷ ଭୋଟର ହେଲ୍ପଲାଇନ ଆପ କିମ୍ବା nvsp.in ବା voterportal.eci.gov.in ବ୍ୟବହାର କରିପାରିବେ ଅଥବା ବୁଥ ସ୍ତରୀୟ ଅଧିକାରୀଙ୍କ ସହାୟତାରେ ନିଜକୁ ଜଣେ ଭୋଟର ଭାବରେ ପଞ୍ଜୀକୃତ କରିବା ପାଇଁ ଆବେଦନ କରିପାରିବେ।

## ଓଏମ୍‌ସି ଏମ୍‌ଡିଙ୍କ ସହ ଆଦିତ୍ୟ ଆଲୁମିନା ବିକାଶ ପରିଷଦ ସଭାପତିଙ୍କ ଆଲୋଚନା



ଭୁବନେଶ୍ୱର (ପିଏନ୍): ଗତ ୬ ତାରିଖ ପୂର୍ବାହ୍ନରେ ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟରେ ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା ଜମି ହରାଇଥିବା କଂସାରୀଗୁଡା ଗ୍ରାମବାସୀଙ୍କ ତରଫରୁ ଆଦିତ୍ୟ ଆଲୁମିନା ବିକାଶ ପରିଷଦର ସଭାପତି ଦୌଲ ଚୌଧୁରୀ ଏବଂ ଆର.ପି.ଡି.ଏସ୍.ସି.ର ସଦସ୍ୟ ରାଜେନ୍ଦ୍ର ଦୁରିଆ ଓ ଅନ୍ୟାନ୍ୟ ପାଞ୍ଚ ଜଣ ଜମିହରା ଆଦିବାସୀ ନେତାମାନେ ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂହଙ୍କ ସହ ଆଦିତ୍ୟ ଆଲୁମିନା ଶିଳ୍ପ ପାଇଁ ସମସ୍ୟା ହେଉଥିବା ବକ୍‌ସାଇଟ୍ ଖଣି ଦେବା ସମ୍ପର୍କରେ ଆଲୋଚନା କରିଥିଲେ। କଂସାରୀଗୁଡାଠାରୁ ଶହ ଶହ ଜମିହରା ଓ ବାସହରା ତଥା ବିସ୍ଥାପିତ ହୋଇଥିବା ଗ୍ରାମବାସୀମାନେ ଏକାଠି ହୋଇ ଖଣି ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟି ନିଜର ସମସ୍ୟା ପାଇଁ ଗୁହାରି କରିବା ପାଇଁ ଅନୁମତି ମାଗିଥିଲେ। କିନ୍ତୁ ମାତ୍ର ୭ ଜଣଙ୍କୁ ଅନୁମତି ମିଳିଥିଲା। ଆଲୋଚନାରେ ଖଣି ନିଗମ ଅଧକ୍ଷ ଶ୍ରୀ ବଳବନ୍ତ ସିଂହ ଖଣି ଯୋଗାଇବାରେ କୌଣସି ଅସୁବିଧା ନାହିଁ। କମ୍ପାନୀ ପ୍ରଥମେ କାମ ଆରମ୍ଭ କରୁ, ସବୁ ଠିକ୍ ହୋଇଯିବ। ସରକାରଙ୍କୁ କୁହନ୍ତୁ ପ୍ରଥମେ ଆଦିତ୍ୟ ଆଲୁମିନା କର୍ତ୍ତୃପକ୍ଷ ରାସ୍ତାଘାଟ ଭଳି ଆନୁସଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରି କାମ ଆରମ୍ଭ କରୁ। ଖଣି ନିଶ୍ଚୟ ମିଳିବ ଏବଂ ସବୁ ସମସ୍ୟା ଆଲୋଚନା ମାଧ୍ୟମରେ ସଫଳ ହେଲା ବୋଲି କହିଛନ୍ତି ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀ ଦୌଲ ଚୌଧୁରୀ। ଅନ୍ୟପଟେ କମ୍ପାନୀ ଶୀଘ୍ର ପ୍ରତିଷ୍ଠା ହେଉ, ନଚେତ୍ ଆମ ଜମି ଫେରାଇଦେଉ ବୋଲି ଜମି ହରାଇଥିବା ଗ୍ରାମବାସୀମାନେ ଜିଦ୍ ଧରି ବସିଛନ୍ତି। ଆଉଥରେ ଟିକିରି ଓ କଂସାରୀଗୁଡାଠାରେ ଜମିହରା ଗ୍ରାମବାସୀମାନେ ସରକାରଙ୍କୁ ନିବେଦନ କରିଛନ୍ତି ଯେ, ଆଦିତ୍ୟ ଆଲୁମିନା ଶିଳ୍ପ ଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ, ନଚେତ୍ ଆଦିତ୍ୟ ଆଲୁମିନା ଯେଉଁ ଜମି ନେଇଛି, ତା'ଠାରୁ ଜମି ଫେରାଇ ଆଣି ଗ୍ରାମବାସୀଙ୍କୁ ଦେଇଦିଅନ୍ତୁ ବୋଲି ଦୃଢ ଦାବି କରିଛନ୍ତି ଆର.ପି.ଡି.ଏସ୍.ସି. ସଦସ୍ୟ ରାଜେନ୍ଦ୍ର ଦୂରିଆ । ସରକାର ଯଦି ଆମ ଗୁହାରି ନ ଶୁଣନ୍ତି ଆମ ଦାବି ପୂରଣ ନ କରନ୍ତି ତେବେ ଆମେସବୁ ଜମିହରା, ବାସହରା ପରିବାର ଓ ପିଲାଛୁଆ ସବୁ ମିଶି ସିଙ୍ଗାରାମ ରେଳ ଷ୍ଟେସନକୁ ସମ୍ପୂର୍ଣ୍ଣ ବନ୍ଦ କରି ଗାଡ଼ି ଚଳାଚଳ ଠପ୍ କରିଦେବୁ, କୋଡିଙ୍ଗାମାଳି ବକ୍ସାଇଟ୍ ଖଣିକୁ ବନ୍ଦ କରିଦେବୁ ଏବଂ ରାଜଧାନୀ ଆସି ହଜାର ହଜାର ସଂଖ୍ୟାରେ ଆଦିତ୍ୟ ଆଲୁମିନା ଦ୍ୱାରା ଜମି ଓ ବାସ ହରାଇଥିବା ଗ୍ରାମବାସୀମାନେ ନବୀନ ନିବାସ ସମ୍ମୁଖରେ ଧାରଣା ଦେବୁ ବୋଲି ଶ୍ରୀ ଦୌଲତ ଚୌଧୁରୀ ଚେତାବନୀ ଦେଇଛନ୍ତି।

## ସ୍ଲାବ୍ ଖସି ନାବାଳିକା ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ସୁନ୍ଦୁରିଆ ପଂଚାୟତ ଫତେପୁର ଗ୍ରାମର ଜିତନ ଗେଡ଼ିଙ୍କ ଝିଅ ମିନୁ (୧୦) ମଙ୍ଗଳବାର ଅପରାହ୍ନରେ ଘର ଝରକାରେ ଲାଗିଥିବା ସ୍ଲାବ୍‌ରେ ଓହଳୁଥିଲା। ତେବେ ସ୍ଲାବ୍‌ଟି ହଠାତ୍ ଖସି ପଡ଼ିବାରୁ ସ୍ଲାବ୍ ସହ ମିନୁ ତଳେ ପଡ଼ିଯାଇଥିଲା। ସ୍ଲାବ୍‌ଟି ମିନୁ ଉପରେ ପଡ଼ିଯିବାରୁ ତାର ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ମିନୁକୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ମୃତଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି । ମୃତା ମିନୁ ତରାପୁର ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢୁଥିଲା ।

## ପିସିସି ପକ୍ଷରୁ ଡ. ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଭାରତୀୟ ସମ୍ବିଧାନର ସ୍ରଷ୍ଟା, ଦଳିତ, ଆଦିବାସୀ, ପଛୁଆବର୍ଗ, ଅନଗ୍ରସର ଶ୍ରେଣୀ, ଉପେକ୍ଷିତ, ଲୁଣ୍ଠିତ, ପତିତ ଓ ପୀଡ଼ିତର ତ୍ରାଣକର୍ତ୍ତା ତଥା ଯୁଗ ସ୍ରଷ୍ଟା ଭାରତ ରତ୍ନ ଡ. ବି.ଆର. ଆମ୍ବେଦକରଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଏଜି ଛକ ସ୍ଥିତ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନଠାରେ ପିସିସି ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସନ୍ଧ୍ୟା ମହାପାତ୍ର, ମନୋରଂଜନ ଦାଶ, ହଳଧର ସେଠୀ, ପ୍ରକାଶ ମିଶ୍ର, କନକଲତା ମଲ୍ଲିକ, ଲିଙ୍ଗରାଜ ସାହୁ, ସଂଜୟ ମିଶ୍ର, ମିହିର ଆଚାର୍ଯ୍ୟ, ସୁଧାଂଶୁ ମହାନ୍ତି, ରାଜକିଶୋର ବାରିକ, ଉମେଶ ସ୍ୱାଇଁ, ମନୋରଂଜନ ରାଉତରାୟ, ସୁବାଷ ପ୍ରଧାନ, ତାପସ ସେଠୀ, ଦେବେନ୍ଦ୍ର ପ୍ରସାଦ ଦାସ, ବାପି ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ରୋଗୀସେବା ପାଇଁ ଉତ୍ସର୍ଗ ଥିଲା ଡାକ୍ତର ରାଜକିଶୋର ସାହୁଙ୍କ ପ୍ରାଣ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ବିଧାନସଭାର ଭୂତପୂର୍ବ ଚିକିତ୍ସା ଅଧିକାରୀ ଡାକ୍ତର ରାଜକିଶୋର ସାହୁଙ୍କର ପ୍ରାଣ ରୋଗୀସେବା ପାଇଁ ସମର୍ପିତ ଥିଲା ଏବଂ ଜୀବନରେ ବହୁ ଅର୍ଥ ଉପାର୍ଜନ କରିଥିଲେ ମଧ୍ୟ ତାଙ୍କର ଆୟର ବହୁଳ ଭାଗ ଲୋକଙ୍କ ଅଗୋଚରରେ ଜନସେବାରେ ବ୍ୟୟ କରିଥିଲେ ବୋଲି ରାଜକିଶୋର ସାହୁ ସ୍ମୃତିସଭାରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଭାରତୀୟ ସେନାର ଡାକ୍ତର ଓ ଯୁଦ୍ଧ ଶେଷ ବେଳକୁ ରେଡକ୍ରସ୍ ଡାକ୍ତର ଭାବେ ଆହତ ଜବାନମାନଙ୍କ ସେବାରେ ନିୟୋଜିତ ଥିଲେ। ପାକିସ୍ତାନ ସେନାର ଆତ୍ମସମର୍ପଣ ଓ ବାଂଲାଦେଶ ଜନ୍ମ ବେଳେ ସୁଦୂର ସୀମାନ୍ତ ମଣିପୁର, ନାଗାଲାଣ୍ଡରେ କର୍ମରତ ଥିଲେ। ପେଷାଗତ ଭାବେ ଡାକ୍ତର ଥିଲେ ମଧ୍ୟ ନିଶାରେ ଚାଷୀ ପାଲଟି ଯାଇଥିଲେ ଓ ଚଣ୍ଡୀଖୋଲାସ୍ଥ ଛତିଆ ପାଖରେ ନିଜର ଫାର୍ମ ପ୍ରତିଷ୍ଠା କରିଛନ୍ତି । ଯୁଦ୍ଧର ଦଶବର୍ଷ ପରେ କଳାହାଣ୍ଡିର କେସିଙ୍ଗା, ନୟାଗଡ଼ ଓ ବାଙ୍କୀ ଉପଖଣ୍ଡ ଡାକ୍ତରଖାନା, କ୍ୟାପିଟାଲ୍ ହସ୍ପିଟାଲ୍ ଓ ବିଧାନସଭାର ମେଡିକାଲ୍ ଅଫିସର ଭାବେ ଦାୟିତ୍ୱ ନିଭାଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ମାର୍କେଟ୍ ବିଲଡିଙ୍ଗ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଦୁଇ ନମ୍ବର ଉଠା ବ୍ୟବସାୟୀଙ୍କ ସମେତ ଗରିବ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ସେବା ପ୍ରଦାନ କରୁଥିଲେ। ବାଲ୍ୟବନ୍ଧୁ ଡକ୍ଟର ପୂର୍ଣ୍ଣଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଚିର ଅବିବାହିତ ଡକ୍ଟର ସାହୁଙ୍କର ମାନସପୁତ୍ର ଜୀବନ ରଂଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ମହାନ୍ତି, ବନ୍ଧୁ ତଥା ଚିନ୍ତା ଓ ଚେତନାର ସମ୍ପାଦକ ସୁରେନ୍ଦ୍ର ଦାସ, ଆଇନଜୀବୀ ବନବିହାରୀ ମହାନ୍ତି, ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ଚିତ୍ତରଂଜନ ପତି, ମହେଶ୍ୱର ମିଶ୍ର, ପ୍ରିୟବ୍ରତ କର, ଅଶୋକ ସାହୁ, ଶିଶିର ମହାପାତ୍ର, ପ୍ରମୋଦ ସାମନ୍ତରାୟ, ଦୀପକ ମୋଦି, ପରମେଶ୍ୱର ପଟ୍ଟନାୟକ, ଓମ୍‌ପ୍ରକାଶ ଶାହା, ନିରଞ୍ଜନ ସାହୁ, ଦିବ୍ୟଲୋକ ପଟ୍ଟନାୟକ, ମଧୁମିତା ନାଥ, ଯଶୋବନ୍ତ ପଟ୍ଟନାୟକ, ନାରାୟଣ ସାହୁ, ଶିଳାଭଦ୍ର ଶାସ୍ତ୍ରୀ, ପାର୍ଥ ପଟ୍ଟନାୟକ, ମନୋରଂଜନ ସ୍ୱାଇଁ, ରବି ବାରିକ, ସୁରେଶ ମହାରଣା, ପୁତୁରା ଶେଖର, ସାଗର, ଦେବାଶିଷ, ଭଣଜା ଦେବୀପ୍ରସାଦ ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜୀବନରଂଜନ ସ୍ୱାଇଁ ପରିଚାଳନା କରିଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ଏମ୍.ପି. ବାଳଗୋପାଳ ମିଶ୍ର ପ୍ରମୁଖ ଶୋକବାର୍ତ୍ତା ପଠାଇଥିଲେ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୦୯

# ଗରିବୀର ପରିଭାଷା



ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ। ତାହା ହେଲା ଦେଶ ଗରିବ ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦାରିଦ୍ର୍ୟର ଉତ୍କଟ ଅବସ୍ଥା ଦେଖାଦେଇଥାଏ। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି– 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।

ଏକ ଅନୁକୂଳ ପରିବେଶ ଜୀବନଧାରଣ ପାଇଁ ଅପରିହାର୍ଯ୍ୟ। ଜନସଂଖ୍ୟାର ବିସ୍ଫୋରଣ ପରିବେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନିୟନ୍ତ୍ରଣ ପାଇଁ କେତେକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭର କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ। ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି। ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଂଖ୍ୟା ବୃଦ୍ଧି ଆମ ପ୍ରଗତିପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ ଗୁଣ ବୃଦ୍ଧି ପାଇଛି। ଅର୍ଥଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥିସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ। ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିରସହଚର ହୋଇରହିଛି। ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ। ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସ ପାଏ।

ପ୍ରାୟ ୬୦ ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ। ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ର୍ୟତାର ମୁଖ୍ୟ କାରଣ। ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେବା ଆବଶ୍ୟକ। ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ। ଏଥିସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ। ଯେକୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ। ସେହିପରି କୃଷିଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ। ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବେକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା: ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତ ଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ। କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।ଉଏତଦ୍‌ବ୍ୟତୀତ ଆଉ କେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା – (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ। ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବ ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ। (ଖ) ଦରିଦ୍ରମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍। (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍। (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍। (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ। ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମ୍‌ର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହା ନହେଲେ ଦାରିଦ୍ର୍ୟ ଆମ ପାଇଁ ଚିରସହଚର ହୋଇ ରହିଯିବ !

**ହିମାଂଶୁଶେଖର ଆଚାର୍ଯ୍ୟ**, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

# ନେପାଳ ନିର୍ବାଚନରେ ଦେଉବାଙ୍କ ଦବ୍‌ଦବା

••••••••••ସୌମେନ୍ଦ୍ର ଜେନା••••••••••



ନିକଟରେ ୨୦ ନଭେମ୍ବର ଦିନ ନେପାଳରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ଶେର ବାହାଦୂର ଦେଉବାଙ୍କ ଦମ୍ କାଏମ୍ ରହିଥିବା ଦେଖିବାକୁ ମିଳିଛି । ଶାସକଦଳ ନେପାଳୀ କଂଗ୍ରେସର ମେଣ୍ଟ ନିର୍ବାଚନରେ ବିଜୟ ହାସଲ କରି ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ମେଣ୍ଟକୁ ଢେର ପଛକୁ ଠେଲି ଦେଇଛି । ଭକ୍ତପୁରଠାରେ ମତଦାନ ବେଳେ ଖଡ୍‌ଗ ପ୍ରସାଦ ଶର୍ମା ଓଲି ଓରଫ କେପି ନିଜ ଦଳ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ମାର୍କସବାଦୀ -ଲେନିନବାଦୀ) ଅନ୍ୟ ଦଳଗୁଡିକ ସହ ମେଣ୍ଟ କରି କ୍ଷମତାସୀନ ହେବାକୁ ଆଶା ରଖିଥିବାର ପ୍ରକାଶ କରିଥିଲେ । କିନ୍ତୁ ନିର୍ବାଚନ ଫଳାଫଳ ଯାହା ଜଣାପଡିଛି ସେଥିରୁ ଶ୍ରୀ ଓଲି ବିରୋଧୀ ପକ୍ଷରେ ବସିବା ସ୍ପଷ୍ଟ ହୋଇଯାଇଛି । ଗତ ନିର୍ବାଚନରେ ଝାପା -୫ ଆସନରୁ ଶ୍ରୀ ଓଲି ପ୍ରତିନିଧିସଭା ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି । ଉକ୍ତ ଆସନରେ ଓଲି ୫୨,୩୧୯ ମତ ଲାଭ କରିଥିଲା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନେପାଳୀ କଂଗ୍ରେସ ପାର୍ଟିର ପ୍ରାର୍ଥୀ ଖଗେନ୍ଦ୍ର ଅଧିକାରୀ ୨୩,୭୪୩ ମତ ଲାଭ କରିଥିଲେ ।

ତୃତୀୟ ସ୍ଥାନରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ପ୍ରାର୍ଥୀ ସୁରେଶ କୁମାର ପୋହେରାଲ ୧୧,୭୫୯ ଭୋଟ ପାଇଥିଲେ । ନିର୍ବାଚନ ଫଳାଫଳରୁ ନେପାଳୀ କଂଗ୍ରେସର ପାଞ୍ଚଦଳୀୟ ମେଣ୍ଟ ୮୨ଆସନ ସହ ପ୍ରଥମ ସ୍ଥାନରେ ଥିଲା ବେଳେ ଓଲିଙ୍କ ସିପିଏନ୍ (ମାର୍କସବାଦୀ-ଲେନିନବାଦୀ) ମେଣ୍ଟ ୫୨ଟି ଆସନ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ଓଲିଙ୍କ ପଛକୁ ପୁଷ୍ପ କମଳ ଦହଲ (ପ୍ରଚଣ୍ଡ)ଙ୍କ ସିପିଏନ୍ ମାଓବାଦୀ ୧୭ଆସନ, ସିପିଏନ୍ (ମିଳିତ ସମାଜବାଦୀ) ୧୦, ଜନସମାଜବାଦୀ ପାର୍ଟି ୭, ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ୭, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ୭, ସ୍ୱାଧୀନ ୫, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି୪, ନାଗରିକ ଉନ୍ମୁକ୍ତି ପାର୍ଟି ୩, ଜନମତ ପାର୍ଟି ୧ ଏବଂ ରାଷ୍ଟ୍ରୀୟ ଜନମୋର୍ଚ୍ଚା ୧ ଆସନ ପାଇଛନ୍ତି । ମତଦାନ କେନ୍ଦ୍ରରେ ରିଗିଂ ଯୋଗୁ ୩ଟି ଆସନ ଫଳାଫଳ ପ୍ରକାଶ ପାଇନାହିଁ । ୧ ଡିସେମ୍ବରରେ ମତଦାନ ପରେ ୮ ଡିସେମ୍ବରରେ ସେହି ଆସନର ଫଳାଫଳ ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଦିନେଶ ଥପଲିୟାଲ କହିଛନ୍ତି ।

୫ ନଭେମ୍ବର ଦିନ ଭାରତ-ନେପାଳ ସୀମାର ଧାରଚୁଲା ଜିଲ୍ଲାରେ ଦଳର ନିର୍ବାଚନ ପ୍ରଚାର ଆରମ୍ଭ କରି କେପି ଶର୍ମା ଓଲି କହିଥିଲେ ଯେ ତାଙ୍କ ସରକାର କ୍ଷମତାକୁ ଆସିଲେ ଭାରତ ହାତରୁ କଳାପାଣି, ଲିପୁଲେଖ ଏବଂ ଲିମ୍ପିଆଧୁରା ଅଞ୍ଚଳକୁ ଫେରାଇ ଅଣାଯିବ । ଦେଶର ଗୋଟିଏ ଇଞ୍ଚ ଜମିକୁ ଛଡାଯିବ ନାହିଁ ବୋଲି କହିଥିଲେ । ସମାନ ଢଙ୍ଗରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଥିବା ଦେଉବା ତାଙ୍କ ନିଜ ଜିଲ୍ଲା ଦାଦେଲଧୁରାରେ ନିର୍ବାଚନ ପ୍ରଚାର ଆରମ୍ଭ କରି ଏହି ଅଞ୍ଚଳକୁ କୂଟନୀତିକ ଉପାୟରେ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି କହିଥିଲେ । ନେପାଳର ନିର୍ବାଚନରେ ଭାରତଠାରୁ ଅଞ୍ଚଳ ଫେରାଇ ଆଣିବା ନେଇ ସମସ୍ତେ କହୁଥିଲେ ସତ, କିନ୍ତୁ ଚୀନର ସୀମା ଅତିକ୍ରମଣ ନେଇ ସମସ୍ତେ ଚୁପ୍ ରହିଥିଲେ । ଭାରତ ବିରୋଧୀ ଭାଷଣ ଦେଇ ସବୁଦଳ ଯେ କ୍ଷମତାକୁ ଆସିବାକୁ ଚେଷ୍ଟାରତ ଥିଲେ ଏକଥା କେହି ଭୁଲିବା କଥା ନୁହେଁ । ଚଳିତବର୍ଷ ନିର୍ବାଚନରେ ନେପାଳୀ କଂଗ୍ରେସ ୨୩୯୨୨୪୨, ସିପିଏନ୍ (ମାର୍କସ-ଲେନିନ୍) ୨୫୨୫୦୯୯, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ୧୦୬୧୭୫୮, ସିପିଏନ୍ (ମାଓବାଦୀ) ୧୦୫୬୨୭୦ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ୫୪୪୬୩୯, ଜନତା ସମାଜବାଦୀ ପାର୍ଟି ୩୧୯୪୬୮, ଜନମତ ପାର୍ଟି ୨୫୬୦୪୬, ସିପିଏନ୍ (ସଂଯୁକ୍ତ ସମାଜବାଦୀ) ୨୪୯୪୯୨ ଭୋଟ ପାଇଛନ୍ତି । ଦେଶରେ ୧ କୋଟି ୭୯ଲକ୍ଷ ୮୮ହଜାର ୫୭୦ ଭୋଟର ଥିଲାବେଳେ ୬୧ ପ୍ରତିଶତ ଲୋକେ ନିର୍ବାଚନରେ ମତଦାନ କରିଥିଲେ ।

ଦେଶର ପ୍ରତିନିଧି ସଭାରେ ୨୭୫ ଆସନ ରହିଛି । ଏଥିରୁ ୧୬୫ଟି ଆସନ ପାଇଁ ସିଧାସଳଖ ନିର୍ବାଚନରେ ବିଜୟୀ ହୋଇ ଆସିବାକୁ ହୋଇଥାଏ । ଅବଶିଷ୍ଟ ୧୧୦ ଆସନ ପାଇଁ ଆନୁପାତିକ ନିର୍ବାଚନ ବ୍ୟବସ୍ଥା ରହିଛି । ତେବେ ସରକାର ଗଠନ ପାଇଁ ୧୩୮ ଆସନରେ ବିଜୟୀ ହେବାକୁ ହୋଇଥାଏ । ବର୍ତ୍ତମାନର ସରକାରକୁ ନେପାଳୀ କଂଗ୍ରେସ ସହ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ମାଓବାଦୀ), କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ଏକୀକୃତ ସମାଜବାଦୀ), ରାଷ୍ଟ୍ରୀୟ ଜନମୋର୍ଚ୍ଚା, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି ପ୍ରମୁଖ ସମର୍ଥନ କରି ଆସୁଛନ୍ତି । ସେମିତି ଜାତୀୟ ଆସେମ୍ବ୍ଲି ପାଇଁ ୩୪୨ଟି ଆସନରୁ ୨୭୨ ଆସନରେ ନିର୍ବାଚନ ହୋଇଥିଲା ବେଳେ ୭୦ଟି ଆସନ ମହିଳା ଏବଂ ଧାର୍ମିକ ସଂଖ୍ୟାଲଘୁଙ୍କ ପାଇଁ ସଂରକ୍ଷିତ ରଖାଯାଇଛି ।

ପ୍ରାଦେଶିକ ବିଧାନସଭାରେ ନେପାଳୀ କଂଗ୍ରେସ ୧୦୪ ଆସନ ପାଇଛି । ଦୁଇଟି ଅଧିକ ପାଇବା ଦୌଡରେ ରହିଛି । କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ ମିଳିତ ମାର୍କସ -ଲେନିନ୍‌ବାଦୀ ୮୮ଟି ଆସନ ପାଇ ୨ଟିରେ ଆଗୁଆ ରହିଛି । କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ମାଓବାଦୀ)୫୩, କମ୍ୟୁନିଷ୍ଟ ପାର୍ଟି ନେପାଳ (ସଂଯୁକ୍ତ) ୧୩, ସ୍ୱାଧୀନ ୧୨, ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ୧୧, ଜନତା ସମାଜବାଦୀ ପାର୍ଟି ୧୦, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି ୯, ଜନମତ ପାର୍ଟି ୭, ନାଗରିକ ଉନ୍ମୁକ୍ତି ପାର୍ଟି ୫, ହାମରୋ ନେପାଳୀ ପାର୍ଟି ୧, ନେପାଳ ଶ୍ରମିକ -କୃଷକ ପାର୍ଟି ୧ ଆସନ ପାଇଛି । ଦେଶର ଯେଉଁସବୁ ସଂସଦୀୟ ଆସନରେ ସମସ୍ତଙ୍କ ନଜର ରହିଥିଲା ସେଗୁଡିକ ହେଲା ଦାଦେଲଧୁରା, ଝାପା, ରୁପନଦେହୀ, ମୋରାଙ୍ଗ, କାଠମାଣ୍ଡୁ୪, ସପ୍ତାରୀ , ମହୋତ୍ତରୀ, ବାଗଲୁଙ୍ଗ, ତାପ୍‌ଲେଜଙ୍ଗ, ଗୋର୍ଖା ଏବଂ ରାଉତହାଟ ଦାଦେଲଧୁରା ଆସନରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ତଥା ନେପାଳୀ କଂଗ୍ରେସ ପ୍ରାର୍ଥୀ ଶେର ବାହାଦୂର ଦେଉବା (୨୫୫୩୪) ତାଙ୍କ ନିକଟତମ ସ୍ୱାଧୀନ ପ୍ରାର୍ଥୀ ସାଗର ଧକାଲଙ୍କୁ (୧୩୦୪୨) ପରାସ୍ତ କରିଛନ୍ତି । ରୁପନଦେହୀ ଆସନରେ ସିପିଏନ୍ (ଏମ୍‌ଏଲ୍) ପ୍ରାର୍ଥୀ ବିଷ୍ଣୁ ପ୍ରସାଦ ପୌଡେଲ (୨୭୧୪୮) ତାଙ୍କର ନିକଟତମ ପ୍ରାର୍ଥୀ ଗଣେଶ ପୌଡେଲ (ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି)ଙ୍କୁ (୨୫୭୮୨) ପରାସ୍ତ କରିଛନ୍ତି । ମୋରାଙ୍ଗ ଆସନରେ ଡକ୍ଟର ଶେଖର କୋଇରାଲା ନେପାଳୀ କଂଗ୍ରେସ ପ୍ରାର୍ଥୀ ଭାବେ ୩୫୨୨୪ ଭୋଟ ପାଇଥିଲା ବେଳେ ତାଙ୍କର ନିକଟତମ ପରାଜିତ ପ୍ରାର୍ଥୀ ଲାଲବାବା ପଣ୍ଡିତ ୨୨୯୪୬ ଭୋଟ ପାଇଛନ୍ତି । କାଠମାଣ୍ଡୁ- ୪ ଆସନରେ ବିଜୟୀ ନେପାଳୀ କଂଗ୍ରେସ ପ୍ରାର୍ଥୀ ଗଗନ କୁମାର ଥାପା ୨୧୩୦୨ ଭୋଟ ପାଇଥିଲା ବେଳେ ପରାଜିତ ସିପିଏନ୍ (ଏମ୍‌ଏଲ) ପ୍ରାର୍ଥୀ ରାଜନ ଭଟ୍ଟରାୟ ୧୩୮୫୫ ଭୋଟ ପାଇଛନ୍ତି । ସପ୍ତାରୀ ଆସନରେ ଜନମତ ପାର୍ଟିର ବିଜୟୀ ପ୍ରାର୍ଥୀ ଚନ୍ଦ୍ରକାନ୍ତ ରାଉତଙ୍କୁ ୩୫୦୪୨ ଭୋଟ ମିଳିଥିଲା ବେଳେ ତାଙ୍କର ନିକଟତମ ପରାଜିତ ପ୍ରାର୍ଥୀ ଜନତା ସମାଜବାଦୀ ପାର୍ଟିର ଉପେନ୍ଦ୍ର ଯାଦବଙ୍କୁ ୧୬୯୭୯ ଭୋଟ ମିଳିଛି ।

ସେହିପରି ମହୋତ୍ତରୀ ଆସନରେ ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟିର ବିଜୟୀ ପ୍ରାର୍ଥୀ ମହନ୍ତ ଠାକୁର ୧୬୩୭୫ ଭୋଟ ପାଇଥିଲା ବେଳେ ତାଙ୍କ ନିକଟତମ ପରାଜିତ ଜନସମାଜବାଦୀ ପାର୍ଟି ପ୍ରାର୍ଥୀ ହରିନାରାୟଣ ଯାଦବ ୧୪୩୨୫ ଭୋଟ ପାଇଛନ୍ତି । ବାଗଲୁଙ୍ଗ ଆସନରେ ରାଷ୍ଟ୍ରୀୟ ଜନମୋର୍ଚ୍ଚା ଦଳର ବିଜୟୀ ପ୍ରାର୍ଥୀ ଚିତ୍ରା ବାହାଦୂର ୨୧୪୫୧ ଭୋଟ ପାଇଥିଲା ବେଳେ ତାଙ୍କ ନିକଟତମ ସିପିଏନ୍ (ଏମ୍‌ଏଲ)ର ପରାଜିତ ପ୍ରାର୍ଥୀ ସୂର୍ଯ୍ୟ ପ୍ରସାଦ ପାଠକ ୧୮୮୨୫ ଭୋଟ ପାଇଛନ୍ତି । ଇଲମ ଆସନରେ ସିପିଏନ୍ (ଏମ୍‌ଏଲ)ର ବିଜୟୀ ପ୍ରାର୍ଥୀ ମହେଶ ବାସ୍ନେତଙ୍କୁ ୨୪୩୦୪ ଭୋଟ ମିଳିଥିଲା ବେଳେ ତାଙ୍କ ନିକଟତମ ପରାଜିତ ପ୍ରାର୍ଥୀ ସିପିଏନ୍ (ମିଳିତ ସମାଜବାଦୀ) ଦଳର ପ୍ରମୁଖ ନେତା ଝାଲାନାଥ ଖନାଲ ୨୧୮୦୨ ଭୋଟ ପାଇଛନ୍ତି । କାଠମାଣ୍ଡୁ-୫ ଆସନରେ ନେପାଳୀ କଂଗ୍ରେସର ବିଜୟୀ ପ୍ରାର୍ଥୀ ପ୍ରଦୀପ ପୌଡେଲଙ୍କୁ ୧୫୨୩୭ ଭୋଟ ମିଳିଥିଲା ବେଳେ ତାଙ୍କ ନିକଟତମ ପ୍ରାର୍ଥୀ ସିପିଏନ୍ (ଏମ୍‌ଏଲ)ର ଈଶ୍ୱର ପୋଖରେଲଙ୍କୁ ୧୦୧୭୫ ଭୋଟ ମିଳିଛି । ଗୋର୍ଖା ଆସନରେ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ନେତା ପୁଷ୍ପ କମଲ ଦହଲ (ପ୍ରଚଣ୍ଡ) ୨୬୧୦୩ ଭୋଟ ପାଇଥିଲା ବେଳେ ତାଙ୍କ ନିକଟତମ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ପରାଜିତ ପ୍ରାର୍ଥୀ କବିନ୍ଦ୍ର ବୁର୍ଲାକୋଟି ୧୨୬୩୭ ଭୋଟ ପାଇଛନ୍ତି । ରାଉତହାଟ ଆସନରେ ସିପିଏନ୍ ସଂଯୁକ୍ତ ସମାଜବାଦୀ ପ୍ରାର୍ଥୀ ମାଧବ କୁମାର ନେପାଳ ୩୩୫୨୨ ଭୋଟ ପାଇଥିଲା ବେଳେ ତାଙ୍କ ନିକଟତମ ସିପିଏନ୍ (ଏମ୍‌ଏଲ)ର ପରାଜିତ ପ୍ରାର୍ଥୀ ଅଜୟ କୁମାର ଗୁପ୍ତାଙ୍କୁ ୨୬୯୨୨ ଭୋଟ ମିଳିଛି । ତାପଲେଜଙ୍ଗ ଆସନରେ ସିପିଏନ୍ (ଏମ୍‌ଏଲ) ଦଳର ବିଜୟୀ ପ୍ରାର୍ଥୀ ଯୋଗେଶ କୁମାର ଭଟ୍ଟରାୟଙ୍କୁ ୨୧୯୪୩ ଭୋଟ ମିଳିଥିଲା ବେଳେ ତାଙ୍କ ନିକଟତମ ସିପିଏନ୍ (ମାଓବାଦୀ)ର ପରାଜିତ ପ୍ରାର୍ଥୀ ଖେଲ ପ୍ରସାଦ ବୁଧାଛେତ୍ରୀଙ୍କୁ ୨୧୭୫୩ ଭୋଟ ମିଳିଛି । ଏହି ଆସନରେ ଲଢେଇ ଅଧିକ ଜୋରଦାର ରହିଥିଲା ।

ପ୍ରାଦେଶିକ ନିର୍ବାଚନ ଫଳାଫଳକୁ ଦେଖିଲେ ମିଶ୍ରିତ ଫଳାଫଳ ମିଳିଥିବାର ଦୃଷ୍ଟିକୁ ଆସିବ । ପ୍ରଦେଶ-୧ରେ ସିପିଏନ୍ (ୟୁଏମ୍‌ଏଲ)କୁ ୧୧, ନେପାଳୀ କଂଗ୍ରେସକୁ ୮, ସିପିଏନ୍ ମାଓବାଦୀ ୩, ଜନତା ସମାଜବାଦୀ ପାର୍ଟି ୧ ଆସନ ପାଇଛି । ମଧେଶ ପ୍ରଦେଶରେ ସିପିଏନ୍-ୟୁଏମ୍‌ଏଲ୍ ୮, ନେପାଳୀ କଂଗ୍ରେସ ୭, ଜନତା ସମାଜବାଦୀ ପାର୍ଟି ୬, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି ୩ ଆସନ ପାଇଛି । ବାଗମତି ପ୍ରଦେଶରେ ନେପାଳୀ କଂଗ୍ରେସ ୧୩, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ୭, ସିପିଏନ୍ ୟୁଏମ୍‌ଏଲ ୪, ସିପିଏନ୍ ମାଓବାଦୀ ପାର୍ଟିକୁ ୪ ଆସନ ମିଳିଛି । ଲୁମ୍ବିନୀରେ ସିପିଏନ୍ ୟୁଏମ୍‌ଏଲ୍‌କୁ ୧୧, ନେପାଳୀ କଂଗ୍ରେସକୁ ୬, ସିପିଏନ୍ ମାଓବାଦୀ ୩, ରାଷ୍ଟ୍ରୀୟ ପ୍ରଜାତାନ୍ତ୍ରିକ ପାର୍ଟି ୩ ଆସନରେ ବିଜୟୀ ହୋଇଛି । ଗଣ୍ଡକୀ ପ୍ରଦେଶ ନିର୍ବାଚନରେ ନେପାଳୀ କଂଗ୍ରେସ ୯, ସିପିଏନ୍ ୟୁଏମ୍‌ଏଲ୍-୫, ସିପିଏନ୍ ମାଓବାଦୀ ୨, ରାଷ୍ଟ୍ରୀୟ ଜନମୋର୍ଚ୍ଚାକୁ ୧ ଆସନ ମିଳିଛି । କର୍ଣ୍ଣାଳୀ ପ୍ରଦେଶରେ ସିପିଏନ୍ ମାଓବାଦୀ ୪, ନେପାଳୀ କଂଗ୍ରେସ ୪, ସିପିଏନ୍ ସଂଯୁକ୍ତ ସମାଜବାଦୀ ୩, ରାଷ୍ଟ୍ରୀୟ ପ୍ରଜାତାନ୍ତ୍ରିକ ପାର୍ଟି ୧ ଆସନରେ ବିଜୟୀ ହେବା ବେଳେ ପ୍ରମୁଖ ବିରୋଧୀ ଗୋଷ୍ଠୀ ଓଲିଙ୍କ ଦଳର ଖାତା ଖୋଲିନାହିଁ । ସୁଦୂର ପଶ୍ଚିମ ପ୍ରଦେଶରେ ନେପାଳୀ କଂଗ୍ରେସ ୭, ସିପିଏନ ସଂଯୁକ୍ତ ସମାଜବାଦୀ ୩, ନାଗରିକ ଉନ୍ମୁକ୍ତି ପାର୍ଟି୩, ସିପିଏନ୍ ୟୁଏମ୍‌ଏଲକୁ ୨ଟି ଆସନ ମିଳିଛି । ସୁମ୍ପାରୀ ପ୍ରଦେଶରେ ନେପାଳୀ କଂଗ୍ରେସ ୫୩,ସିପିଏନ୍ ୟୁଏମ୍‌ଏଲ ୪୨, ସିପିଏନ୍ ମାଓବାଦୀ ୧୭, ସିପିଏନ୍ ସଂଯୁକ୍ତ ସମାଜବାଦୀ ଦଳ ୧୦ଟି ଆସନରେ ବିଜୟୀ ହୋଇଛନ୍ତି ।

ନଭେମ୍ବର ମାସ ନିର୍ବାଚନରେ ଚୀନର ସମର୍ଥକ ଗୋଷ୍ଠୀ ଓଲିଙ୍କ ପାଇଁ ବହୁ ଖର୍ଚ୍ଚ କରିଥିଲେ ମଧ୍ୟ ତାଙ୍କ ସରକାର କ୍ଷମତାକୁ ଫେରିବାର ସମ୍ଭାବନା ନଥିବା ଲକ୍ଷ୍ୟ କରି କାଠମାଣ୍ଡୁରୁ ଚୀନା ରାଷ୍ଟ୍ରଦୂତ ଏବଂ ବହୁ ଦ୍ୱନ୍ଦ୍ୱର ଖଳନାୟିକା ହୋଇ ୟାଙ୍କୀଙ୍କୁ ୨୩ ନଭେମ୍ବର ଦିନ ନେପାଳରୁ ଚୀନକୁ ଫେରାଇ ନିଆଯାଇଛି । ଗତମାସ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସେ ଓଲିଙ୍କ ନିର୍ବାଚନରେ ସାହାଯ୍ୟ କରିବା ପାଇଁ ଅଟକି ରହିଥିଲେ । ତାଙ୍କ ସ୍ଥାନରେ ଚେଙ୍ଗ ସୋଙ୍ଗ ନୂଆ ନିଯୁକ୍ତି ପାଇଛନ୍ତି । ୟାଙ୍କୀ ଚୀନର ଲଜ୍ଜୁଆ ହେଟାବାଘ ରାଷ୍ଟ୍ରଦୂତ ଭାବେ ଦେଶ ବିଦେଶରେ ପରିଚିତ । ସେ ତାଙ୍କ କାର୍ଯ୍ୟକାଳରେ ନେପାଳକୁ ଭାରତ ବିରୋଧରେ ଛିଡା କରିବାରେ ବେଶ୍ ସଫଳତା ପାଇଥିଲେ । ଓଲିଙ୍କୁ ବୁଝାଇ ବିବାଦୀୟ ନେପାଳ ମାନଚିତ୍ର ପ୍ରକାଶ କରାଇବାକୁ ସେ ସଫଳ ହୋଇଥିଲେ । ଯେଉଁଥିରେ କଳାପାଣି, ଲିପୁଲେଖ ଅଞ୍ଚଳକୁ ନେପାଳର ଦର୍ଶାଯାଇଥିଲା । ଏହାକୁ କେନ୍ଦ୍ରକରି ଓଲି ଭାରତ ବିରୁଦ୍ଧରେ ଅନେକ ବିଷାକ୍ତ ମନ୍ତବ୍ୟ ଦେଇଥିଲେ । ୟାଙ୍କୀ ପୂର୍ବରୁ ପାକିସ୍ଥାନରେ ତିନିବର୍ଷ ଦାୟିତ୍ୱରେ ଥିଲେ । ବାରମ୍ବାର କାଠମାଣ୍ଡୁର ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଇ ସେ ଓଲିଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ଉଠିଥିଲା । ନିର୍ବାଚନ ପୂର୍ବରୁ ସେପ୍ଟେମ୍ବର ମାସରେ କମ୍ୟୁନିଷ୍ଟ ଦଳଗୁଡିକୁ ଏକାଠି ଲଢିବା ପାଇଁ ରାଜି କରାଇବାକୁ ବେଜିଂର ପ୍ରତିନିଧିଭାବେ ଲି ଝାନ୍‌ସୁ ସେପ୍ଟେମ୍ବର ୧୨ରୁ ୧୪ ପର୍ଯ୍ୟନ୍ତ ନେପାଳ ଗସ୍ତରେ ଆସିଥିଲେ । ସେ ଚୀନ କମ୍ୟୁନିଷ୍ଟ ପାର୍ଟିର ୭ଜଣ ସାଧାରଣ ସଂପାଦକଙ୍କ ମଧ୍ୟରୁ ଜଣେ ଏବଂ ୨୫ଜଣିଆ ପଲିଟି ବ୍ୟୁରୋର ସଦସ୍ୟ । ଲି ହେଉଛନ୍ତି ଚୀନ ରାଜନୀତିର ତିନି ନମ୍ବର ନେତା ଯିଏକି ନେପାଳ ରାଜନୀତି ପାଇଁ କାଠମାଣ୍ଡୁକୁ ଗୋଟିଏ ବର୍ଷରେ ଗସ୍ତ କରିଛନ୍ତି । ମାର୍ଚ୍ଚରେ ଚୀନ ବିଦେଶମନ୍ତ୍ରୀ ୱାଙ୍ଗ ୟି ଏବଂ ଜୁନ୍‌ରେ ଚୀନ କମ୍ୟୁନିଷ୍ଟ ପାର୍ଟି ବିଦେଶ ବିଭାଗ ମୁଖ୍ୟ ଲିଉ ଜିଆନଚେ ନେପାଳ ଗସ୍ତରେ ଆସିଥିଲେ । ଆମେରିକା ଓ ଭାରତ ସହ ନେପାଳର ସଂପର୍କକୁ ସୀମିତ କରିବା ପାଇଁ ସେମାନେ ନେପାଳ ସରକାରଙ୍କୁ ଉପଦେଶ ଦେଇଥିଲେ । ଚଳିତ ନିର୍ବାଚନରେ ସରକାର ଗଠନର ଋବିକାଠି ଦୁଇଥର ପ୍ରଧାନମନ୍ତ୍ରୀ ଥିବା ସିପିଏନ୍ (ମାଓବାଦୀ) ନେତା ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କ ହାତରେ ରହିବ ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଅନ୍ତର୍ଦାହ

ଅନୀତା ପଟ୍ଟନାୟକ



କଲେଜରୁ ଫେରି ଅପରାହ୍ନରେ ଦିଗବଳୟକୁ ଚାହିଁ ବିଶ୍ରାମ ନେଲାବେଳେ ସ୍ୱତଃ ମନରେ ପ୍ରଶ୍ନ ଉଠିଲା। ମନ କ'ଣ ସତରେ ଅନୁଭବ କରେ ? ସେହିପରି ବୁଦ୍ଧି କ'ଣ ଯୋଜନା କରେ ? ଶରୀର କ'ଣ କାର୍ଯ୍ୟ ପାଇଁ ବିନିଯୋଗ ହୁଏ। ସେହିପରି ସେବା କ'ଣ ଭଗବାନଙ୍କୁ ଅର୍ପଣ ହୁଏ ? ଫୁଲରେ ସତେ କ'ଣ ଉପାସନା ହୁଏ ? ବିବେକ କ'ଣ ଭୁଲ ଠିକର ବିବେଚନା କରେ ? ଏହିପରି ଭାବୁ ଭାବୁ କେତେବେଳେ ମୁଁ ଶୋଇ ପଡ଼ିଥିଲି ମୁଁ ଜାଣିନି। ତାପର ଦିନ କଲେଜ କାମରେ ମୋର ଭୁବନେଶ୍ୱର ଆସିବାକୁ ଥିଲା। ଗୋଟିଏ ସୁନ୍ଦର ନୂଆ ବସଟିଏ ବସ ରହଣୀ ସ୍ଥାନରେ ଲାଗିଲା। ଉପରକୁ ଚଢ଼ିଯିବା ମାତ୍ରେ କଣ୍ଡକ୍ଟରଟି ତା ପାଖ ସିଟରେ ଝରକା ପାଖକୁ ବସିବା ପାଇଁ କହିଲା। ତାହା ଏକ ଆରାମଦାୟକ ସିଟ ଥିଲା। ଆଗରେ ଷ୍ଟିଲର ରଡ଼ ଲାଗିଥିବାରୁ ଗୋଡ଼ ବଢ଼ାଇ ବସିବାର ସୁଯୋଗ ରହୁଥିଲା। କଣ୍ଡକ୍ଟର ଜଣେ ଯୁବକ ଥିଲା। ବସ ଭିଡ଼ ଥିବାରୁ ତା' ନିଜ ସିଟରୁ ସେ ଦିନ କାହାକୁ ବସାଇବାକୁ ଦେଉ ନଥିଲା। ତେଣୁ ମୁଁ ଭିଡ଼ ଥିଲେ ମଧ୍ୟ ଦୁଇଟି ସିଟର ସୁଖକୁ ଉପଭୋଗ କରୁଥିଲି। ମୋ ନିକଟରେ କିଏ ବସିବାକୁ ଚେଷ୍ଟା କଲେ ଏହା କଣ୍ଡକ୍ଟର ସିଟ କହି ଉଠାଇ ଦେଉଥିଲା। ପେଟ୍ରୋଲ ଦରଦାମ ବୃଦ୍ଧି ହେତୁ କଣ୍ଡକ୍ଟର ଲୋକମାନଙ୍କଠାରୁ ଅଧିକ ପଇସା ଦାବୀ କରୁଥିଲେ। ମୋ' ପାଖ ସିଟର ଆରପଟ ସିଟର ଲୋକଙ୍କ ସହ ବସଭଡ଼ା ପାଇଁ ତା'ର ଝଗଡ଼ା ହେଉଥାଏ। କଣ୍ଡକ୍ଟର ସିଟ ପାଖରେ ଛିଡ଼ା ହୋଇଥିବା ବ୍ୟକ୍ତି ତାକୁ କହିଲେ ତୁମେ ଏହିପରି ଅଘୋଷିତ ଯାତ୍ରୀଭଡ଼ା ଦାବୀ କରିପାରିବ ନାହିଁ। କଣ୍ଡକ୍ଟର କିନ୍ତୁ ନଛୋଡବନ୍ଧା। ସେ କହିଲା ଯେଉଁମାନେ ବସ ଭଡ଼ା ଦେଇ ନପାରିବେ ସେମାନେ ବସରୁ ଓହ୍ଲାଇ ଯାଆନ୍ତୁ।

ମୁଁ ଗଣ୍ଡଗୋଳକୁ ଏଡ଼ାଇବା ପାଇଁ କଣ୍ଡକ୍ଟର ଦାବୀ କରୁଥିବା ଟଙ୍କାକୁ ମନିପର୍ସରୁ କାଢ଼ି ଧରିଥାଏ। ସେ ବସ ଟଙ୍କା ଆଦାୟ କରୁ କରୁ ଆଗକୁ ଚାଲିଗଲା ମତେ ଅତିକ୍ରମ କରି। ମନେମନେ ଭାବିଲି ବୋଧହୁଏ କଣ୍ଡକ୍ଟର ମୋ'ଠାରୁ ପଇସା ନେଇଛି ବୋଲି ଭାବି ପଛ ସିଟ ଆଡ଼କୁ ଚାଲିଗଲା। ସେ ଦିନ ବସରେ ଭିଡ଼ ଥିବାରୁ ପଛରେ କୋଳାହଳ ଲାଗିଥାଏ। ଜଣେ ବ୍ୟକ୍ତି ବ୍ୟଙ୍ଗାତ୍ମକ ଭାବେ କହୁଥା'ନ୍ତି ଏ କଣ୍ଡକ୍ଟରର ଆଚରଣ ଦେଖୁଛ ତ ? ତା' ନିଜ ସିଟରେ କାହାକୁ ବସାଇ ଦେଉନି ଏ ପଟେ କାହାକୁ ଟଙ୍କାଟେ ରିହାତି ମଧ୍ୟ ଦେଉନାହିଁ। ଏହିପରି ପାଟିତୁଣ୍ଡ ଚାଲିଥିବା ବେଳେ ମୁଁ ଦେଖିଲି ସେପଟ ଝରକା ପାଖେ ବସିଥିବା ମହିଳା ମୋ' ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଛନ୍ତି। ମନରେ ଶଙ୍କା ହେଉଥାଏ ସେ ସ୍ତ୍ରୀଲୋକ କହିଦେବେ କି ମୁଁ ପଇସା ଦେଇନାହିଁ ବୋଲି। ମନେମନେ ଭାବୁଥାଏ ଆଉ ତ ଅଳ୍ପ ବାଟ ରହିଲା ବସଷ୍ଟାଣ୍ଡ। ତରବର ହୋଇ କିଛି ନଜାଣିଲା ପରି ଲୋକ ଗହଳିରେ ଓହ୍ଲାଇ ପଡ଼ିବି। କଣ୍ଡକ୍ଟର ମୁହଁକୁ ଚାହିଁବି ନାହିଁ। ମୋର ୧୫୦ଟଙ୍କା ବଞ୍ଚିଯିବ ଓ ବର୍ଦ୍ଧିତ ଭଡ଼ା ଦେବାକୁ ପଡ଼ିବ ନାହିଁ। ମୁଁ ମନରେ ଏସବୁ ଅନୁଭବ କରୁଥିବା ବେଳେ ବୁଦ୍ଧି ମୋର ଯୋଜନା କରୁଥାଏ ଶରୀରକୁ ଏପରି କାର୍ଯ୍ୟରେ କିପରି ବିନିଯୋଗ କରିବି ସେଥିପାଇଁ ପ୍ରସ୍ତୁତ ହେଉଥାଏ। ବସରୁ ଓହ୍ଲାଇବା ବେଳେ ଭିଡ଼ରୁ ରକ୍ଷାକରିବା ପାଇଁ କଣ୍ଡକ୍ଟର ମତେ ଆଗ ଓହ୍ଲାଇ ପକାଇଲା। ଲୋକମାନେ ତଳକୁ ଓହ୍ଲାଉଥିବା ସମୟରେ ସେ ପାଦ ଧରି ମୁଣ୍ଡିଆ ମାରି ମତେ କହି ଉଠିଲା ଆପଣ କ'ଣ ମତେ ଚିହ୍ନି ପାରୁନାହାଁନ୍ତି। ମୁଁ ସେହି ଦୁଷ୍ଟ ପ୍ରଶାନ୍ତ। ଆପଣ ସେଦିନ କ୍ଲାସରେ କହୁଥିଲେ ଫୁଲ ଦ୍ୱାରା ଉପାସନା ହୁଏନି; ବରଂ ସେବା ଭଗବାନଙ୍କୁ ଅର୍ପଣ କରାଯାଏ। ଆପଣ ତ ମୋ' ଭଗବାନ ଆଜି ସେବା କରିବାର ସୁଯୋଗ ବସରେ ଦେଲେ।

ଏହି ସମୟରେ ମୋ' ଦେହରୁ ଗୋଟା ଗୋଟା ଝାଳ ବୋହି ଯାଉଥାଏ। ମୋର ବିବେକ ଭୁଲ ଓ ଠିକ୍‌ର ବିବେଚନା କରୁଥାଏ। ପ୍ରଶାନ୍ତ କହିଲା ମାଡ଼ାମ ମୁଁ ଆପଣଙ୍କ ପାଇଁ ଅଟୋ ଡାକି ଦେଉଛି କେଉଁଠାକୁ ଯିବେ ? ଏହି ସମୟରେ ଜଣେ ବସଯାତ୍ରୀ ପାଟି କରି ଉଠୁଥାଏ ଓ କଣ୍ଡକ୍ଟର ବାବୁ ଆମ ଜିନିଷ ଦିଅ ? ଏହି ସମୟରେ ମତେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ମହିଳା ଜଣକ କହିଲେ ଆମ ଜିନିଷ ଦେବାକୁ କୁଆଡ଼େ ଗଲା। ଯିଏ ପଇସା ଦେଇନି ତା' ସହିତ ଗପୁଛି। ଏହି ସମୟରେ ଆମ କଲେଜର ପ୍ରିନ୍ସିପାଲ ଗୋଟିଏ ଅଟୋରେ ପହଞ୍ଚିଲେ। ପ୍ରଶାନ୍ତ ମତେ ଏବଂ ତାଙ୍କୁ ପ୍ରଣାମ କରି ଜିନିଷ କାଢ଼ିବା ପାଇଁ ଚାଲିଗଲା। ସେଦିନ ବିବେକର ଭୁଲ ଠିକର ବିବେଚନା କରି ମୁଁ ଲଜ୍ଜିତ ହେଲି ଏବଂ ଏହି ଅନୁଭୂତିକୁ ଆଜି ପର୍ଯ୍ୟନ୍ତ ମୁଁ ଭୁଲିପାରିନାହିଁ। ମୋର ପିଲାଦିନର ପ୍ରାର୍ଥନା ସବୁବେଳେ ମନେପଡ଼େ-"ଯାହା ମୁଁ କହଇ ଯାହା ମୁଁ କରଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ମୋ' ପାଶେ ଅଛନ୍ତି ଦିବସ ରଜନୀ ମହାପ୍ରଭୁ ପରମେଶ୍ୱର, ଏକଥା ସୁମରି ହୃଦୟେ ତାହାଙ୍କୁ ପୂଜିବି ମୁଁ ନିରନ୍ତର।"

*–ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩*




# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ୍. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ୍. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନିତ ହୋଇଛି । ଏତଦ୍ ବ୍ୟତୀତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

# ରାଜ୍ୟ ସ୍ତରୀୟ ପରବ ନିମନ୍ତେ ଚିତ୍ରକଳା ପ୍ରତିଯୋଗିତା

ଜୟପୁର,(ପି.ଏନ): ଜୟପୁର ଟାଉନ ହଲ ଠାରେ ରାଜ୍ୟ ସ୍ତରୀୟ ପରବ-୨୦୨୨ ନିମନ୍ତେ ଚିତ୍ର କାଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ କନିଷ୍ଠ ବିଭାଗ, ବରିଷ୍ଠ ବିଭାଗ ଓ ସର୍ବ କନିଷ୍ଠ ବିଭାଗର ଛାତ୍ର ଛାତ୍ରୀ ବିଭିନ୍ନ ବ୍ଲକରୁ ଉନ୍ନୀତ ହୋଇ ୭୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇ ଥିଲେ । ଜୟପୁର, ବୋରିଗୁମ୍ମା, କୁନ୍ଦୁରା, ନାରାୟଣପଟଣା, କୋରାପୁଟ, ସେମିଳିଗୁଡା, ନନ୍ଦପୁର, ଲକ୍ଷ୍ମୀପୁର ବ୍ଲକରୁ ଛାତ୍ର ଛାତ୍ରୀ ଭାଗ ନେଇ ଥିଲେ । ଏହି ପ୍ରତିଯୋଗିତାରେ (କନିଷ୍ଠ ବିଭାଗରେ- ପ୍ରଥମ ସ୍ଥାନ- ଶାଶ୍ୱତୀ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୋରାପୁଟ, ଦ୍ୱିତୀୟ ସ୍ଥାନ-ଅନ୍ୱେଷା ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟ ତୃତୀୟ ସ୍ଥାନ-ବିରେନ୍ଦ୍ର କୁମାର ଭତ୍ରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୋରିଗୁମ୍ମା), (ବରିଷ୍ଠ ବିଭାଗ- ପ୍ରଥମ ସ୍ଥାନ- ସୁରେନ୍ଦ୍ର ଖିଲ, ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର ଦ୍ୱିତୀୟ ସ୍ଥାନ- ବିଳାସୀ ସାନ୍ତା, ସରକାରୀ ବାଳିକା ବିଦ୍ୟାଳୟ, କାଉଡିଆଗୁଡା, କୁନ୍ଦୁରା, ତୃତୀୟ ସ୍ଥାନ- ପ୍ରଫୁଲ୍ଲ ସାନ୍ତା, ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର)(ସର୍ବ ବରିଷ୍ଠ ବିଭାଗ ପ୍ରଥମ ସ୍ଥାନ-ଅନ୍ତାରାମ ସାନ୍ତା, ୨ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର, ଦ୍ୱିତୀୟ ସ୍ଥାନ- ଯୋଗେଶ୍ୱର ସବର ୨ ୨ୟବର୍ଷ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର ତୃତୀୟ ସ୍ଥାନ- ଶ୍ରାବଣୀ ଦିଗାଲ, ୩ ୨ୟ ବର୍ଷ, ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର) ଉନ୍ନୀତ ହୋଇଛନ୍ତି । ଏହି ପ୍ରତିଯୋଗିତାକୁ ଦାଶ ମୁର୍ମୁ, ଉପଦେଷ୍ଟା ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ, ଜୟପୁର ଓ ଶ୍ରୀ କେଶବ ଖରା, ଆର୍ଟ ଗେଲେରୀ, କୋରାପୁଟ ବିଚାରକ ଭାବେ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ଯଶୋଦା ଗାଦବା, କେ. ସୁନିଲ କୁମାର ରାଓ, ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର, ରାମ ଖରା ଆର୍ଟ ଗେଲେରୀ ଜୟପୁର ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୦୯.୧୨.୨୦୨୨ରିଖ ଦିନ ଚିତ୍ର କଳା ପ୍ରଦର୍ଶନୀ ହେବ ଓ ଉନ୍ନୀତ ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ।

# ତୁଷୁରା ଏୟାରଷ୍ଟ୍ରିପରୁ ବିମାନ ସେବା କେବେ ?

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିଭାବକ ମଂଚର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଆଲୋଚନା ଆରମ୍ଭ କରି ସଭ୍ୟ ଡ. ରାଧାକାନ୍ତ ମିଶ୍ର ସୂଚନା ଦେଲେ ଯେ ଏପ୍ରିଲ ୨୦୧୬ ରେ ଏୟାର ଓଡିଶା ପକ୍ଷରୁ ଝାରସୁଗୁଡା, ରାଉରକେଲା ଓ ସମ୍ବଲପୁର ପରେ ପଶ୍ଚିମ ଓଡିଶାର ବଲାଙ୍ଗିର ଓ କଳାହାଣ୍ଡିକୁ ବିମାନ ସେବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ବଲାଙ୍ଗିରର ତୁଷୁରା ଓ କଳାହାଣ୍ଡିର ଉଦ୍ ?କେଲା ଏୟାରଷ୍ଟ୍ରିପ୍ ନିରୀକ୍ଷଣ କରିବା ପରେ ତଥା ବ୍ୟବସାୟିକ ଦିଗକୁ ଅନୁଧ୍ୟାନ କଲା ପରେ ଉଭୟ ଏହାରଷ୍ଟ୍ରିପ ଭଲ ସ୍ଥିତିରେ ଥିବା ଓ ସରକାରୀ ଅନୁମତି ମିଳିଲେ ମାସେ ମଧ୍ୟରେ ଏହି ଦୁଇ ଜିଲ୍ଲାକୁ ବିମାନ ସେବା ଆରମ୍ଭ କରିଦେବାକୁ ସେତେବେଳେ ଏୟାର ଓଡିଶା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ଙ୍କ ଦ୍ୱାରା ୧୯୬୭ ମସିହାରେ ଉଦ୍ ?ଘାଟିତ ହୋଇଥିବା ତୁଷୁରା (ବଡଙ୍ଗୋମୁଣ୍ଡା) ଏୟାରଷ୍ଟ୍ରିପ କୁ ବିଭିନ୍ନ ସମୟରେ ରାଜ୍ୟ ସରକାର ବ୍ୟବହାର କରି ଆସୁଛନ୍ତି । ଏବେ ଉଦ୍ ?କେଲା ଏୟାରଷ୍ଟ୍ରିପ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ରାଜ୍ୟ ସରକାର ଖୁବ୍ ଶିଘ୍ର ସେଠାରୁ ବିମାନସେବା ଆରମ୍ଭ କରିବା ଯୋଜନା କରିଛନ୍ତି । ଇତି ମଧ୍ୟରେ ଜୟପୁର ଏୟାରଷ୍ଟ୍ରିପ ମଧ୍ୟ କାର୍ଯ୍ୟକ୍ଷମ ହେବାକୁ ଥିବା ବେଳେ ଦଳିତ ଆଦିବାସୀ ଅଧୁଷିତ କେବିକେ ଜିଲ୍ଲା ବଲାଙ୍ଗିର ପାଇଁ କୌଣସି ରାଜନେତା ଚିନ୍ତା କରୁନାହାନ୍ତି ।

# ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା(ସ୍ୱିପ) ରଥ'ର ଶୁଭାରମ୍ଭ

ବାଲେଶ୍ୱର(ପିଏନ)- ଉପ-ନିର୍ବାଚନ ପାଇଁ ମତଦାତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା (ସ୍ୱିପ) ରଥ'ର ଯାତ୍ରା ଆରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ୩୨ଟି ସ୍ୱିପ ରଥ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବୁଥ୍ ପରିକ୍ରମା କରି ଭୋଟରମାନଙ୍କୁ ନିର୍ବାଚନ ଓ ଭୋଟଗ୍ରହଣ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିବ । ମୁଖ୍ୟତଃ କୋଭିଡ୍ କଟକଣା ମଧ୍ୟରେ କିଭଳି ଭୋଟଦାନ




କରାଯାଇପାରିବ, ଇଭିଏମ-ଭିଭିପାଟ ମେସିନର ବ୍ୟବହାର ଏବଂ ଉପ-ନିର୍ବାଚନରେ ଭୋଟରମାନଙ୍କ ସହାୟତା ନିମନ୍ତେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସ୍ଥାପନ କରାଯାଇଥିବା ସହାୟକ ବୁଥ୍ ବାବଦରେ ଏହି ରଥସବୁ ମତଦାତାମାନଙ୍କୁ ସଚେତନ କରାଇବେ । ଏତଦ୍ ଭିନ୍ନ ଉପ-ନିର୍ବାଚନ ବାବଦରେ ରହିଥିବା ଅନ୍ୟାନ୍ୟ ସନ୍ଦେହକୁ ମଧ୍ୟ ଏହା ଦୂର କରିବ । ଏହି ରଥଗୁଡିକ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସେକ୍ଟର ୱାରୀ ପରିକ୍ରମା କରି ମତଦାତାମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବେ । ଏଥିପାଇଁ ସେକ୍ଟର ଅଧିକାରୀ ଓ ବୁଥ୍ସ୍ତରୀୟ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି । ଏହା ଦ୍ୱାରା ମତଦାତାମାନେ ଅଧିକ ସଚେତନ ହୋଇପାରିବେ ବୋଲି ଜିଲ୍ଲାପାଳ ଆଶାପ୍ରକଟ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ସହକାରୀ ଜିଲ୍ଲାପାଳ,ନିର୍ବାଚନ ଶ୍ରୀ ମନୋଜ ସେନାପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଠକ୍ଷପ୍ସ;ଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଠକ୍ଷପ୍ସ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଠକ୍ଷପ୍ସ;ଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ । ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ । ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ୍ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧାର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାର୍ମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତ୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚରର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତ୍ତୀ ସେବା ଅନ୍ତର୍ଗତ ମଧ ଯୋଗାଇ ଦିଆଯାଇଥାଏ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକର ଇନ୍‌ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତ୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪ଈ୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଧବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ୍. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୁଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓ ଏ ସ ଏ ଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।




# ଯୁଦ୍ଧାୟ କୃତନିଶ୍ଚୟ...



୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଂଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତିଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି- ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶ୍ରୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ ଉଦ୍ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

## ନିଲମ୍ବିତ ଏମବିକେଙ୍କୁ ପୁନଃନିଯୁକ୍ତି

ଧର୍ମଶାଳା (ପିଏନ୍): ଗତ ପଂଚାୟତ ନିର୍ବାଚନରେ ଶାସକ ଦଳର ଚାପରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ପୁନଃନିଯୁକ୍ତି ନିଷ୍ପତ୍ତିକୁ ପଂଚାୟତବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନା ଅନୁଯାୟୀ ୨୦୨୨ ପଂଚାୟତ ନିର୍ବାଚନରେ ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଝୁନୁବାଳା ଦାସ ନିର୍ବାଚନ ଅଚରଣବିଧି ଉଲଙ୍ଘନ ଅଭିଯୋଗ ଆଣି ଶାସକଦଳ ପକ୍ଷରୁ ଚାପ ପ୍ରୟୋଗ କରାଯାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହା ବିରୁଦ୍ଧରେ ଝୁନୁବାଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୫୧୩୮/୨୨ରେ ଏକ କେଶ କରି ଘଟଣାର ବିଚାର କରି ଝୁନୁବାଳାଙ୍କୁ ପୁନଃନିଯୁକ୍ତି ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ପତ୍ରସଂଖ୍ୟା ୫୬୭୨ ତା.୨୮/୧୧/୨୨ରେ ଝୁନୁବାଳାଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବ୍ଲକକୁ ଜଣାଇଥିଲେ। ପୁନଃନିଯୁକ୍ତି ପାଇବା ପରେ କୁମାରୀ ପଂଚାୟତର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଝୁନୁବାଳାଙ୍କୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଣିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ପ୍ରତିଷ୍ଠା ଦିବସ



ଧର୍ମଶାଳା (ପିଏନ୍): ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୨୫ତମ ପ୍ରତିଷ୍ଠା ଦିବସ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଶ୍ରୀଧର ମହାପାତ୍ର ଓ ଅଭିରାମ ନନ୍ଦ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ବୀରକିଶୋର ଦାସ, ବୃନ୍ଦାବନ ଦାସ, ଶୁକଦେବ ପତିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ସୁଦର୍ଶନ ଶତପଥୀଙ୍କୁ ମରଣୋତର ସମ୍ମାନ ତାଙ୍କ ପୁତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଭାରେ ସହସମ୍ପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ବିବେକାନନ୍ଦ ନାୟକ ସ୍ୱାଗତ ଜଣାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃଆରୀ ୫ ତାରିଖରେ ସଙ୍ଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଥିଲା। ଏହି ଉତ୍ସବରେ ଯାଜପୁର ସାଂସଦ ଓ ସ୍ଥାନୀୟ ବିଧାୟକ ଯୋଗଦେବା ପାଇଁ ସ୍ଥିର କରାଯାଇଛି। ଶେଷରେ ବ୍ରଜ କିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସର ଗଗନେନ୍ଦ୍ର ଦାଶଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା (ପିଏନ୍): ପ୍ରଖ୍ୟାତ ଭାଷାତତ୍ତ୍ୱବିତ ଓ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥଦାଶଙ୍କ ବିୟୋଗରେ ଏକ ଶୋକସଭା ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କିଶ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟ କୁମାର ଶତପଥୀ, ଭଦ୍ରକ କଲେଜ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ସେଠୀ, ମଧୁପୁର କଲେଜ ଅଧ୍ୟାପକ ଡ. ତୁହିନାଂଶୁ ରଥ ଓ ପ୍ରାକ୍ତନ ସାଧାରଣ ସମ୍ପାଦକ ବଟକୃଷ୍ଣ ପରିଡା ଯୋଗଦେଇ ପ୍ରଫେସର ଦାଶଙ୍କ ବିୟୋଗରେ ଓଡିଆ ସମାଲୋଚନା ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ମତପ୍ରକାଶ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ମହିଳା କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପଣ୍ଡିତ ବ୍ରଜକିଶୋର ଦାସ, ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଓ କୈବଲ୍ୟ ଜ୍ୟୋତି ସମ୍ମାନ ପ୍ରଦାନ



କଟକ (ପିଏନ୍): କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ଜଗତ କଲ୍ୟାଣ ମହାଯଜ୍ଞ, କୈବଲ୍ୟ ଜ୍ୟୋତି ସମ୍ମାନ ଏବଂ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ର ଧବଳେଶ୍ୱର ସାରସ୍ୱତ ଆଶ୍ରମ, ଡଙ୍ଗା ଘାଟ ବିଡ଼ାନାସୀଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅବସରରେ ଧବଳେଶ୍ୱର ସାରସ୍ୱତ ଆଶ୍ରମର ସଭାପତି ମାନସ ଚୈତନ୍ୟ ସ୍ୱାଗତ ଭାଷଣ ପ୍ରଦାନ କରି ଜଗତ କଲ୍ୟାଣ ଯଜ୍ଞର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାମୀ ମାଧବ ଚୈତନ୍ୟ ମହାରାଜ ମାନବ କଲ୍ୟାଣ ସମସ୍ତଙ୍କର ଦାୟିତ୍ୱ ବୋଲି ଅତି ସରଳ ଭାବରେ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ବକ୍ତାଭାବେ ଡକ୍ଟର ହରିହର କାନୁନଗୋ ମାନବିକ ମୂଲ୍ୟବୋଧ ଜଗନ୍ନାଥ ସଂସ୍କୃତିର ମୂଳ ମନ୍ତ୍ର ବୋଲି ଅଭିହିତ କରିଥିଲେ। ଜଗନ୍ନାଥ ପ୍ରଚାରକ ଲିଙ୍ଗରାଜ ପତି ଜଗନ୍ନାଥ ସଂସ୍କୃତି ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ବୈଦ୍ୟନାଥ ପଣ୍ଡା ଜଗନ୍ନାଥ ବ୍ରହ୍ମାଣ୍ଡର ଜୀବନ୍ତ ଠାକୁର ବୋଲି ତାତ୍ତ୍ୱିକ ଭାବରେ ବର୍ଣ୍ଣନା କରିଥିଲେ। ପୃଷ୍ଠଭୂମିର ସମ୍ପାଦକ କୈଳାସ ଚନ୍ଦ୍ର ଜେନା ଜଗନ୍ନାଥ ଭାବର ଠାକୁର ବୋଲି ମତବ୍ୟକ୍ତ ରଖିଥିଲେ। ସ୍ୱାମୀ ଅଭେଦାନନ୍ଦ ସରସ୍ୱତୀ, ପଣ୍ଡିତ ନୀଳକଣ୍ଠ ରାଉତ, ଗୀତା ଚଇନି, ବିଶ୍ୱଜିତ ସୂର୍ଯ୍ୟବଂଶୀ ସଭାପତି ମହାତ୍ମା ବିଚାର ମଂଚ, କବି ତୋଫାନ ଜେନା, ଅଜୟ କୁମାର ପଣ୍ଡା, ଜଗନ୍ନାଥ ପ୍ରଚାରକ ଶୁଭେନ୍ଦ୍ର ସ୍ୱାଇଁ ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଅବସରରେ ଡକ୍ଟର ହରିହର କାନୁନଗୋ (ଜଗନ୍ନାଥ ଗବେଷକ), ପଣ୍ଡିତ ଦିବାକର ମିଶ୍ର (ଜଗନ୍ନାଥ ପ୍ରଚାରକ), ଡକ୍ଟର ଲକ୍ଷ୍ମଣ ସାହୁ (ସାହିତ୍ୟିକ), ଡକ୍ଟର ସୁନାମଣି ରାଉତ (ଶିଶୁ ସାହିତ୍ୟିକ), ପଣ୍ଡିତ ପ୍ରଦୀପ୍ତ ମହାପାତ୍ର (ଜଗନ୍ନାଥ ପ୍ରଚାରକ), ଶ୍ରୀ ଶ୍ରୀ ମାନସ ଚୈତନ୍ୟ ମହାରାଜ (ଜଗନ୍ନାଥ ପ୍ରଚାରକ), ହରିଦ୍ୱାର ଆଶ୍ରମର ଗୀତାଞ୍ଜଳି ମହାପାତ୍ର (ଜଗନ୍ନାଥ ଓ ସନାତନଧର୍ମ ପ୍ରଚାରକ) ଏବଂ ସମାଜ ସେବୀ ଅଭିମନ୍ୟୁ ଦାସଙ୍କୁ କୈବଲ୍ୟ ଜ୍ୟୋତି ସମ୍ମାନ-୨୦୨୨ ସାହିତ୍ୟ, ସମାଜ ସେବା ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ପ୍ରଚାରକ ପାଇଁ ପ୍ରଦାନ କରାଯାଇଥିଲା। ଏହି ଜଗତ କଲ୍ୟାଣ ମହାଯଜ୍ଞ କାର୍ଯ୍ୟକ୍ରମରେ ସାହି ବସ୍ତିର ବୁଦ୍ଧିଜୀବୀ, ଅଧିବାସୀ, ସାଧୁ ସନ୍ଥ ବହୁ ମାତ୍ରାରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଗର କୁମାର ସାମନ୍ତରାୟ, ଚିତ୍ତ ରଞ୍ଜନ ମହାନ୍ତି, ସୁକୁମାର ସାମଲ, ନମିତା ମହାନ୍ତି, ସଞ୍ଜୟ କୁମାର ମହାରଣା ଅନୁଷ୍ଠାନ ତରଫରୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ ଅବସରରେ ଡଃ ନୃସିଂହନନ୍ଦ ମହାପାତ୍ରଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ଦିଗବିଜୟୀ ଆଚାର୍ଯ୍ୟ ଶଙ୍କରଙ୍କ ଯାତ୍ରା ଶୁଭ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଯୁବ ଆଧ୍ୟାତ୍ମିକ ସମାଜ ସେବକ ଓ ସ୍ତମ୍ଭକାର ଡ.ସଂଗ୍ରାମ କେଶରୀ ସାମନ୍ତରାୟ ସଂପାଦକୀୟ ବିବରଣୀ ପାଠ ପୂର୍ବକ ପାଠ ଧନ୍ୟବାଦ ଅର୍ପଣ କରି ବର୍ତ୍ତମାନର ଯୁବପିଢ଼ି ଆଧ୍ୟାତ୍ମିକ ସମାଜ ସେବାକୁ ଗୁରୁତ୍ୱ ଦେବାକୁ ସମବେତ ଆହ୍ୱାନ ପ୍ରଦାନ କରିଥିଲେ।

# ଦୁର୍ଗା ଦେବୀ ଥିଲେ ନାରୀ ଜାତିର ଆଦର୍ଶ ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ



ଭୁବନେଶ୍ୱର (ପିଏନ୍): ବାଙ୍କୀ ପଥୁରୀପଡ଼ାର ପରଲୋକଗତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ତଥା କଟକ ଜିଲ୍ଲା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ଓ ପ୍ରତିଭାଦୀପ୍ତ ସୁନୀଲ ମିଶ୍ରଙ୍କ ମାତା ଦୁର୍ଗା ଦେବୀଙ୍କ ଦଶାହ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜସ୍ୱ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସ୍ମୃତିଚାରଣ ସଭାରେ ଓଡ଼ିଶାର ବାଲେଶ୍ୱର, ଯାଜପୁର ରୋଡ଼, କଟକ, ବ୍ରହ୍ମପୁର, ବ୍ରହ୍ମଗିରି, ଖୋର୍ଦ୍ଧା, ପୁରୀ, ବାଙ୍କୀ, ପୁରୀ, ବରଗଡ଼, ସମ୍ବଲପୁର ଆଦି ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସଭାରେ ପ୍ରଥମେ ପୁଣ୍ୟଆତ୍ମାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ଧୂପ ଦାନ, ନୀରବ ପ୍ରାର୍ଥନା, ଓଡ଼ିଶାର ବିଶିଷ୍ଟ ପ୍ରବଚକ ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀଙ୍କ ଦ୍ୱାରା ବେଦ ପାଠ କରାଯାଇ ସ୍ମରଣିକା (ପୂଜନୀୟା ଦୁର୍ଗାଦେବୀ)କୁ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ବରେଣ୍ୟ ଅତିଥି ଭାବେ, ବାଙ୍କୀର ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଓ ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉନ୍ମୋଚନ କରିବା ସହିତ ଦୁର୍ଗା ଦେବୀ ସମସ୍ତ ମାତୃଶକ୍ତି, ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ପୂଜ୍ୟପୂଜା ହେଉଛି ପାତାଳଭେଦୀ ସଂସ୍କୃତି ବୋଲି ଅନ୍ୟ ଅତିଥି ସମୂହ ସ୍ମୃତିଚାରଣ ଅବସରରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇନଜୀବୀ ଦିଗମ୍ବର ବେହେରା, ଆଲୋକ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସୁରେଶ୍ୱର ବେହେରା, ବ୍ରଜବନ୍ଧୁ ଦାସ, କାମଦେବ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କାହ୍ନୁ ସିଂହ, ସରପଞ୍ଚ ସୁରଞ୍ଜନ ପଣ୍ଡା, ପ୍ରଦ୍ୟୁମ୍ନ ସୁବୁଦ୍ଧି, ଅଶୋକ କୁମାର ମିଶ୍ର, ଧନେଶ୍ୱର ବଳିଆରସିଂହ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଗୋବିନ୍ଦ ତ୍ରିପାଠୀ, ଗୀତିକାର ଯୁଧିଷ୍ଠିର ଖୁଣ୍ଟିଆ, ସଦାଶିବ ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଦାଧର ତ୍ରିପାଠୀ, କବି କୌଶିକ ନାୟକ, ଅଂଶୁପା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ବେଉରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍.ଏ.ସି. ଉପାଧ୍ୟକ୍ଷ ସନ୍ତୋଷ ରଣା, କାଉନ୍‌ସିଲର ସନାତନ ବେହେରା, ବିଜୁ ଜନତା ଦଳ ସଭାପତି ଅନନ୍ତ ଦାସ, ଆଇନଜୀବୀ ଜିତେନ କୁମାର ରଥ, ରଣଜିତ୍ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଆଶିଷ ସାହୁ ଓ ସଞ୍ଜୟ ପାତ୍ର, ସାମ୍ବାଦିକ ଦେବାଶିଷ ରାଉତ, ଅରବିନ୍ଦ ହରିଚନ୍ଦନ, ଯୁଧିଷ୍ଠିର କୁଣ୍ଡୁ, ବିଜୁ ସାମଲ, ଆଶିଷ ମହାପାତ୍ର, ପ୍ରତାପ ନାୟକ, ରଞ୍ଜିତ ସେଠ୍ ତଥା ଗ୍ରାମବାସୀ ସାହିତ୍ୟିକ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ସୀତାବଲ୍ଲଭ ମହାପାତ୍ର ତାଙ୍କ ଭାଷଣରେ କହିଥିଲେ ଏହି ଦିବଙ୍ଗତ ମହିଳାଙ୍କୁ ଯଶସ୍ୱୀ ମାତା, ଯଶସ୍ୱୀ ପତ୍ନୀ ରୂପେ ବର୍ଣ୍ଣନା କରିଥିଲେ। ପ୍ରକାଶ ଥାଉକି, ଏହି ମହୀୟସୀ ମହିଳାଙ୍କ ଗତ ନଭେମ୍ବର ୧୯ ତାରିଖରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସଂଗଠନର ସଂଯୋଜକ ବାପୁ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ବଳଦେବ ପାଞ୍ଜି ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଯାତ୍ରୀ ନିବାସରେ ବଳଦେବଜୀଉ ପାଞ୍ଜି ପ୍ରକାଶନ କମିଟିର ଏକ ପ୍ରସ୍ତୁତି ବୈଠକ ଇଣ୍ଟରନେସନାଲ ଏକାଡେମୀ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍, ଓଡିଶାର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ଆବାହକତ୍ୱରେ ଏବଂ ପଣ୍ଡିତ ସର୍ବେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ପାଞ୍ଜି ପ୍ରକାଶନ ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଶ୍ରୀଜୀଉଙ୍କ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଡପଣ୍ଡା ମାଧବ ପତ୍ରୀ, ରାଜ୍ୟସଭା ଯୁଗ୍ମ ସଚିବ ଚୌଧୁରୀ ରମାକାନ୍ତ ଦାସ, ଗବେଷକ ନିରଞ୍ଜନ ମେକାପ, ପ୍ରାବନ୍ଧିକ ଡଃ. ସର୍ବେସ୍ୱର ସେଣ, ପଣ୍ଡିତ ଭ୍ରମରବର ନନ୍ଦ, ଶ୍ରମିକ ନେତା ବସନ୍ତ କୁମାର ଦାଶ, ଭରତ ଚରଣ ଦାସ, ପୀତାମ୍ବର ମହାନ୍ତି, ହେମନ୍ତ ଜେନା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଓଡିଆ ନବବର୍ଷରୁ ଶ୍ରୀବଳଦେବଜୀଉଙ୍କ ପାଞ୍ଜି ପ୍ରକାଶନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଶ୍ରୀଜୀଉଙ୍କ ବଡପଣ୍ଡା ମାଧବ ପତ୍ରୀଙ୍କ ଅଧ୍ୟକ୍ଷତାରେ ସେବକ କମିଟି, ପଣ୍ଡିତ ଭ୍ରମରବର ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଷୟିକ ଜ୍ୟୋତିର୍ବିଦ କମିଟି ଏବଂ ଡକ୍ଟର ସର୍ବେଶ୍ୱର ସେଣଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରସାର କମିଟିରେ ଗବେଷକ ନିରଞ୍ଜନ ମେକାପ ଏବଂ ରାଜଶ୍ରୀର ସମ୍ପାଦକ ହେମନ୍ତ ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ସେମାନଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଯାଇଥିଲା। ଶେଷରେ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ମହାନ୍ ବିପ୍ଳବୀ - ବାଘା ଯତୀନ୍

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରବିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ। ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍‌କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ।

ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସ୍କୋଲ



ଅକ୍ଷୟ କୁମାର ରାଉତ

କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ।

ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ।

ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।

ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ.- ୯୯୩୭୬୯୧୪୭୫

# ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ୯ ତାରିଖରୁ ପାଳନ କରିବ ରଜତ ଜୟନ୍ତୀ

ସୁବର୍ଣ୍ଣପୁର ,(ପି.ଏନ):ଆସନ୍ତା ୯ ଏବଂ ୧୦ ଦୁଇ ଦିନ ଧରି ଧୁମ୍ ?ଧାମ୍ ?ରେ ପାଳିତ ହେବ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ । ଆସନ୍ତା ଶୁକ୍ରବାର ଏବଂ ଶନିବାର ପାଳିତ ହେବାକୁ ଥିବା ଏହି ରଜତ ଜୟନ୍ତୀ ସମାରୋହ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି ବୋଲି ଗତକାଲି ସୁବର୍ଣ୍ଣା କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣା ଓ ସଂପାଦିକା ମଞ୍ଜୁଳା ମିଶ୍ର । ଶୁକ୍ରବାର ଅପରାହ୍ନରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ ରଜତ ଜୟନ୍ତୀ ଉତ୍ସବକୁ ଉଦ୍ ?ଘାଟନ କରିବାକୁ ଥିବାବେଳେ ଉକ୍ତ ଦିନ ଏକ ବହୁଭାଷୀ କବିତା ଆସର ର ଆୟୋଜନ ହେବ । ଶନିବାର ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧକ୍ଷା ନିବେଦିତା ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କୋସଲୀ କବି ପଦ୍ମଶ୍ରୀ ହଳଧର ନାଗ ,ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ପ୍ରମୁଖ ଯୋଗ ଦେବାପାଇଁ ସମ୍ମତି ଜଣାଇଛନ୍ତି । ଏହି ଅବସରରେ ୨ଦିନଧରି ନୃତ୍ୟ, ଗୀତ ଏବଂ ସଂଗୀତର ଆସର ଜମିବ ତଥା ଅନୁଷ୍ଠାନ ପକ୍ଷରୁ ମୁଖପତ୍ର ''ସୁବର୍ଣ୍ଣା'' ଓ ''ମନଗହନ'' ର ଲୋକାର୍ପଣ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି ।

# ଭଦ୍ରକ- ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଶୁଭାରମ୍ଭ

ଭଦ୍ରକ, (ପି.ଏନ): ଜିଲା ମୁଖ୍ୟ ଚିକିତ୍ସାଳୟ ଅଭ୍ୟର୍ଥନା ଗୃହରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆଜି ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ତେଣୁ ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମରେ ଚିକିତ୍ସିତ ହେଉଥିବା ୪୦ ଜଣ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟଭାବେ ଗ୍ରହଣ କରାଯାଇଛି। ପ୍ରକାଶ ଥାଉକି ଯକ୍ଷ୍ମା ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ସହିତ ପୁଷ୍ଟିକର ଖାଦ୍ୟ ପାଇଁ ମାସକୁ ୫ ଶହ ଟଙ୍କାର ଆର୍ଥିକ ସହାୟତା ସରକାରଙ୍କ ତରଫରୁ ପ୍ରଦାନ କରାଯାଇଛି। କିନ୍ତୁ ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଗତ ସେପ୍ଟେମ୍ବର ମାସରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାରା ଭାରତରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ଦେଶରେ ଆନୁଷ୍ଠନିକ ଭାବେ ଶୁଭାରମ୍ଭ କରିଥିଲେ। ଗୋଷ୍ଠୀସ୍ତରରୁ ସ୍ୱେଚ୍ଛାକୃତ ଭାବେ ଯକ୍ଷ୍ମାରୋଗୀମାନଙ୍କୁ ଅତିରିକ୍ତ ସହାୟତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଆଜି ଜିଲା ମୁଖ୍ୟ ଚିକିତ୍ସାଳୟ ଅଭ୍ୟର୍ଥନା ଗୃହରେ ଉତ୍ସର୍ଗ ବେସରକାରୀ ଅନୁଷ୍ଠାନ ପକ୍ଷରୁ ୧୫ ଜଣ, ଶୁଭମ୍ ହେଲଥ୍ କେୟାରର ୫ ଜଣ, ସାଇ ଭରଦ୍ୱାଜ ହସ୍‌ପିଟାଲର ୫ ଜଣ, ଶହୀଦ ଭଗତ ସେନାର ୫ ଜଣ, ଓମଶାନ୍ତି ଅଲଟ୍ରାସାଉଣ୍ଡର ୨ ଜଣ, ଡିପିଏମ୍ ସରିତା ମହାପାତ୍ର ୨ ଜଣ ଏବଂ ବ୍ୟକ୍ତିଗତ ଭାବେ ହସ୍‌ପିଟାଲ ଡାକ୍ତର ଓ କର୍ମଚାରୀ ପକ୍ଷରୁ ୬ ଜଣ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟଭାବେ ଗ୍ରହଣ କରାଯାଇ ମାସକ ପାଇଁ ପୁଷ୍ଟିକର ଖାଦ୍ୟ ପକେଟ୍ ବଂଟନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଦ୍ୱାରା ଭଦ୍ରକରୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଭଦ୍ରକରେ ସଫଳ କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ବଦାନ୍ୟ ବ୍ୟକ୍ତିମାନେ ଯୋଡି ହୁଅନ୍ତୁ ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭାରତୀ ରାଉତ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ଜେନା, ଅତିରିକ୍ତ ଜିଲା ଯକ୍ଷ୍ମା ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ଡା. ଗୌରଚନ୍ଦ୍ର ଜେନା, ଡିପିଏମ୍ ସରିତା ମହାପାତ୍ର, ଜିଲା କୋଷ ପରିଚାଳକ ନିଲେସ କୁମାର ପଟ୍ଟନାୟକ, ଅଭିଳାସ ପାଣିଗ୍ରାହୀ ଓ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ସୁବାସିନୀ ପାଣିଗ୍ରାହୀ, ରାଜେଶ କୁମାର ସାହୁ, ସତ୍ୟଜିତ ଯତି, ଅମର ସାମଲ, ସ୍ମିତା ନାୟକ ପ୍ରମୁଖ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ଯକ୍ଷ୍ମା ସଂଯୋଜକ ନିବାସ ରଂଜନ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନାବାଳିକାକୁ ନିର୍ଯାତନା ଘଟଣାରେ ଦମ୍ପତି ଗିରଫ

ଭୁବନେଶ୍ୱର,(ପି.ଏନ): ନାବାଳିକାକୁ ଅକଥନୀୟ ନିର୍ଯାତନା ମାମଲାରେ ଦମ୍ପତିଙ୍କୁ ବାନ୍ଧିଛି କମିଶନରେଟ୍ ପୋଲିସ୍। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିଭୂତି ପାଟଶାଣୀ ଓ ତାଙ୍କ ପତ୍ନୀ ସୋନାଲି ପାଟଶାଣୀ। ଗତକାଲି ଅଭିଯୋଗ ପରେ ବୁଧବାର ସେମାନଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ।ସୂଚନା ଅନୁଯାୟୀ ନାବାଳିକାକୁ ପାଠ ପଢ଼ାଇବା ଲୋଭ ଦେଖାଇ ରାଜଧାନୀ ଆଣି ଚାକରାଣୀ ପରି ଖଟାଉଥିଲେ। ଘର କାମରେ ଭୁଲ୍ କରିବାରୁ ନାବାଳିକାଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ। ଗତକାଲି ମାଡ଼ ମାରି ନିର୍ଦ୍ଦୟ ଭାବେ ନାବାଳିକାକୁ ଗୁରୁତର ଅବସ୍ଥାରେ ରାସ୍ତାରେ ଫିଙ୍ଗିଦେଇଥିଲେ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଭଦ୍ରକ ଜିଲ୍ଲାପାଳ ଓ ଶିକ୍ଷାଧିକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲ୍ଲା ଓଷ୍ଟା ଓ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଭଦ୍ରକ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୀର୍ଘଦିନ ଧରି ଶିକ୍ଷକ ଓ ଅଧ୍ୟାପକମାନେ ଶିକ୍ଷକ ମାରପନୀତିରେ ଜର୍ଜରିତ। ବ୍ଲକଗ୍ରାଂଟ ଭଳି କୁତ୍ସିତ ପ୍ରଥାର ବିଲୋପ ପାଇଁ ଚାକିରୀ ସର୍ତ୍ତାବଳୀ, ପେନ୍‌ସନ୍‌ର ସୁବିଧା ସୁଯୋଗ ପାଇଁ ବାରମ୍ବାର ଶିକ୍ଷକଟିଏ ସ୍କୁଲ ଛାଡ଼ି ରାଜରାସ୍ତାକୁ ଓହ୍ଲାଇଛି ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଶିକ୍ଷା ହେଉଛି ସରକାରଙ୍କର ଦାୟିତ୍ୱ। ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହେବ। ୯୧୬ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ୨୬୦୮ ମାଧ୍ୟମିକ ବିଦ୍ୟାଳୟ, ୬୬୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୪୮୮ଟି ମହାବିଦ୍ୟାଳୟ, ମଦ୍ରାଶା ଓ ସଂସ୍କୃତ ଶିକ୍ଷାନୁଷ୍ଠାନ ମାନଙ୍କର କାର୍ଯ୍ୟରତ ଶିକ୍ଷକ, କର୍ମଚାରୀ ୧୫ ରୁ ୨୦ ବର୍ଷ ଧରି ବିନା ବେତନାରେ କାର୍ଯ୍ୟ କଳାପରେ ଓଡ଼ିଶା ସରକାର ସେମାନଙ୍କୁ ବ୍ଲକଗ୍ରା ଓ ପରେ ପରେ ନୂତନ ଅନୁଦାନ ପ୍ରଦାନ କରିଛନ୍ତି।

# ଭଦ୍ରକ ବ୍ଲକ ସ୍ତରୀୟ ବିଜ୍ଞାନମେଳା

ଭଦ୍ରକ, (ପି.ଏନ):ଭଦ୍ରକ ବ୍ଲକ ଅର୍ନ୍ତଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ ଠାରେ ବ୍ଲକ ସ୍ତରୀୟ ବିଜ୍ଞାନମେଳା ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ହେଉଛନ୍ତି ଦେଶର ଶ୍ରେଷ୍ଠ ସମ୍ବଳ। ପ୍ରତ୍ୟେକ ପିଲା ବୈଜ୍ଞାନିକ ନହୋଇ ପାରନ୍ତି କିନ୍ତୁ ବିଜ୍ଞାନ ଚିନ୍ତାଧାରାକୁ ପାଥେୟ କରିବା ସହିତ ସେଥିପ୍ରତି ଆକୃଷ୍ଟହୋଇ ସକରାତ୍ମକ ମନୋଭାବ ନେଇ କାର୍ଯ୍ୟକଲେ ଦେଶର ପ୍ରଗତି ହୋଇପାରିବ ବୋଲି ମ ।ସିନ ବରେଣ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକର ବିଧାୟକ ସଂଜୀବ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲାବେଳେ ବିଶିଷ୍ଟ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ପ୍ରାଧ୍ୟାପକ ନିହାର ରଂଜନ କର, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ମାଝି, ଏ.ବି.ଇ.ଓ. ଶ୍ରୀମତୀ ମିଶ୍ର, ସି.ଆର୍.ସ.ସି. ନବ କିଶୋର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ବିଜ୍ଞାନ ମେଳାର ଆବାହକ ତଥା ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁ ମଂଚ ପରିଚାଳନା କରିଥିବା ବେଳେ ବିଜ୍ଞାନ ସଂଯୋଜକ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରାରମ୍ଭିକ ସୂଚନା, ସି,ଆର୍,ସି,ସି. ଚନ୍ଦ୍ରକାନ୍ତ ଶୁକ୍ଳ ମଂଚ ଆହ୍ୱାନ, ଶିକ୍ଷାବିତ୍ ସମୀର କୁମାର ଜେନା ଅତିଥି ପରିଚୟ ଓ ଶିକ୍ଷାବିତ ସୁରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଜିଲ୍ଲା ବିଜ୍ଞାନ ସଂଯୋଜକ ସରୋଜ କୁମାର ପ୍ରଧାନ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ବି.ଆର୍.ସି.ସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଏ.ବି.ଇ.ଓ. ଗୟାଧର ପଣ୍ଡା, ଶିକ୍ଷାବିତ୍ ଭୀମଚରଣ ପରିଡ଼ା, ଶିକ୍ଷକ ନେତ୍ରୀ ଚାରୁଲତା ମହାପାତ୍ର, ଶିକ୍ଷାବିତ୍ ନିଳାଦ୍ରୀ ଭୂଷଣ ତ୍ରିପାଠୀ, ବାବୁଲା ରାଉତ, ରାଜେଶ ଦାସ, ମୃତ୍ୟୁଞ୍ଜୟ ମହାନ୍ତି, ଅରୁଣ ମଲ୍ଲିକ, ବୈକୁଣ୍ଠ କାଣ୍ଡି, ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ଦିବସବ୍ୟାପି କାର୍ଯ୍ୟକ୍ରମକୁ ଜାନକୀ ପାଢ଼ୀ, ମନୋରମା ରାୟ, ସବିର ସିଂ, ଶରତ ଜେନା, ଅକ୍ଷୟ କୁମାର ମହାନ୍ତି, ବିରେନ୍ଦ୍ର ପ୍ରସାଦ ମାଝି, ମୁସ୍ତାକ ଗହ୍ୱର, ସେକ୍ ଇରସାଦ୍, ସୌଦାମିନି ନାୟକ,ସୁଭଦ୍ରା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ବିଜ୍ଞାନମେଳାରେ ବିଭିନ୍ନ ବିଦ୍ୟାଳୟରୁ ୧୩୦ରୁ ଉର୍ଦ୍ଧ ପ୍ରକଳ୍ପ ଆସିଥିଲା, ସେଥିରୁ ୧୦ଟି ପ୍ରକଳ୍ପକୁ ଶିକ୍ଷାବିତ୍ କମଳାକାନ୍ତ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ପାଢ଼ୀ, କାଦମ୍ବିନୀ ମହାନ୍ତି ଓ ଅଧ୍ୟାପକ ସତ୍ୟବ୍ରତ ବିଶ୍ୱାଳ ବିଚାରକ ଭାବେ ରହି ଜିଲ୍ଲାସ୍ତରକୁ ମନୋନିତ କରିବା ସହିତ ସେମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏଥି ସହିତ ସମସ୍ତ ଗାଇଡ୍ ଶିକ୍ଷକ ଓ ଭାଗନେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, (ପି.ଏନ): ସରକାରୀ ଚାକିରିରୁ ଅବସରଗ୍ରହଣ କରିଥିବା ସୂଚନା ଓ ଲୋକ ସଂପର୍କ ବିଭାଗର ବରିଷ୍ଠ ଗାଡ଼ି ଚାଳକ(ଡ୍ରାଇଭର) ସୁକାନ୍ତ କୁମାର ପାତ୍ରଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ଶ୍ରୀ ପାତ୍ର ଗତ ନଭେମ୍ବର ୩୦ ତାରିଖରୁ ଅବସରଗ୍ରହଣ କରିଥିଲେ । ବିଭାଗର କର୍ମଚାରୀ କଲ୍ୟାଣ ସମିତି ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ଅବସରଗ୍ରହଣ କରିଥିବା ଏହି ବରିଷ୍ଠ କର୍ମଚାରୀଶ୍ରୀ ପାତ୍ରଙ୍କୁ ଶ୍ରୀମଦ୍ ଭଗବତ୍ ଗୀତା ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ କହିଲେ ଯେ, ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସମସ୍ତେ ଭଲ ପାଆନ୍ତି ।

# ଭଣ୍ଡାରିପୋଖରୀ - ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୧୧୫ ପ୍ରକଳ୍ପ ପ୍ରଦର୍ଶିତ

ଭଦ୍ରକ, (ପି.ଏନ): ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୧୧୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ବୁଧବାର ପାଟୁଳି ସରକାରୀ ଉପ୍ରା ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ପୌରହିତ୍ୟରେ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ମୁଖ୍ୟଅତିଥି ତଥା ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଉଦଘାଟନ କରିତ୍ଲେ। ଏଥିରେ ଅବସରପ୍ରାପ୍ତ ଅଧକ୍ଷ ଦେବେନ୍ଦ୍ରନାଥ ରାଉତ ମୁଖ୍ୟବକ୍ତା, ପଂଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଦୀପକ କୁମାର ପାଢୀ, ପାଟୁଳି ସରପ ଅନିରାରାଣୀ ରାଉତ, ପରିଚାଳନା ସଭାପତି ନିରାକାର ରାଉତ, ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ମୁକୁନ୍ଦ ପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳାର ଉପଯୋଗୀତା ସମ୍ପର୍କରେ ଉଦବୋଧନ ଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିବା ସହ ବ୍ଲକସ୍ତରରେ ବିଜ୍ଞାନପାର୍କ ପ୍ରତିଷ୍ଠା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନଶିକ୍ଷକ ଉଦୟନାଥ ଜେନା ଅତିଥି ପରିଚୟ ଓ ଶିକ୍ଷକ ମାୟାଧର ଦାଶ ଧନ୍ୟବାଦ ଦେଇଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡଃ ଲକ୍ଷ୍ମୀକାନ୍ତ ନାୟକ ଓ ଭ୍ରକାଳୀ ହାଇସ୍କୁଲ ବିଜ୍ଞାନଶିକ୍ଷକ ତନୁଶ୍ରୀ ନାୟକ ବିଚାରକ ଭାବେ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଆଖୁଆପଦା ଉପ୍ରା ସ୍କୁଲ ଛାତ୍ରୀ ଶକ୍ତିମୟୀ ସାମଲଙ୍କ 'ଜୀବନରକ୍ଷକ ଆଲୋକ' ପ୍ରକଳ୍ପ, ଛାତ୍ରୀ ସୁପ୍ରିୟା ମିଶ୍ରଙ୍କ 'ସ୍ୱତଃ ଆଲାରାମିଂ ଅଗ୍ନିନିର୍ବାପକ ବ୍ୟସ୍ଥା' ପ୍ରକଳ୍ପ, ବଳଦେବଜୀଉ ହାଇସ୍କୁଲ ଛାତ୍ରୀ ଜ୍ୟୋତିପ୍ରିୟା ମାଝୀଙ୍କ ପ୍ରକଳ୍ପ 'ପୋଖରୀ ସ୍ୱଚ୍ଛକାରୀ ବୋଟ' ପ୍ରକଳ୍ପ, ଚିଙ୍ଗୁଡିପୁର ଜଗନ୍ନାଥ ହାଇସ୍କୁଲ ଛାତ୍ରୀ ସ୍ନେହଲତା ପଣ୍ଡାଙ୍କ 'ନିରାପଦ ଓ ସ୍ୱାସ୍ଥ୍ୟଉପଯୋଗୀ ମଧ୍ୟାହ୍ନଭୋଜନ' ପ୍ରକଳ୍ପ, ଡଗରପଡା ହାଇସ୍କୁଲ ଛାତ୍ର ଦୀପକ କୁମାର ସାହୁଙ୍କ 'ତ୍ରିକୋଣମିତିର ମୌଳିକ ସୂତ୍ର' ପ୍ରକଳ୍ପ, କଂଟି ହାଇସ୍କୁଲ ଛାତ୍ର ଅନୁରାଗ ରାଉତଙ୍କ 'ସ୍ମାଟ ରାସ୍ତା ଆଲୋକ' ପ୍ରକଳ୍ପ ଓ ପାଟୁଳି ଉପ୍ରା ସ୍କୁଲର ଛାତ୍ର ଆଦିତ୍ୟ ଦାସଙ୍କ 'ଗାଣିତିକ ସଂଖ୍ୟା-ପୂର୍ବ ଓ ପରେ' ପ୍ରକଳ୍ପ ଉତ୍କର୍ଷତା ବିବେଚିତ ହୋଇ ପୁରସ୍କୃତ ହେବା ସହ ଜିଲ୍ଲାସ୍ତର ପାଇଁ ମନୋନୀତ ହୋଇଥିଲା। ଉଦଯାପନୀ ଉତ୍ସବରେ ବିଡିଓ ଦେବଦତ ଦାଶ, ତହସିଲଦାର ସରୋଜକାନ୍ତ ନାୟକ, ଏବିଇଓ ଅକ୍ଷୟ ଜେନା, ଉମେଶ ଯେନା, ମଞ୍ଜୁଳାବାଳା ନାୟକ, ଶିକ୍ଷାସଂଯୋଜକ କୈଳାସ ସାମଲ ଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳା ପ୍ରଦର୍ଶନ ଅୟୋଜିତ କରିଥିବା ୮ ବିଦ୍ୟାଳୟକୁ ପୁରସ୍କୃତ କରିଥିଲେ। ଶିକ୍ଷା ସଂଯୋଜକ ରଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ରତିନ୍ଦ୍ର ବେହେରା, ଅଶୋକ ଶତପଥି, ଅଜୟ ନନ୍ଦ, ଶିକ୍ଷାସଂଯୋଜକମାନେ, ବ୍ଲକ ଶିକ୍ଷା ବିଭାଗ କର୍ମଚାରୀ, ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।




2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday December 09, 2022 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୦୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ରାଜ୍ୟ ସିନିୟର ବଧିର କ୍ରୀଡା : ଖୋର୍ଦ୍ଧା ଚାମ୍ପିୟନ



ଭୁବନେଶ୍ୱର,(ପି.ଏନ): ଆଗାମୀ ଜାତୀୟ ବଧିର କ୍ରୀଡାକୁ ଦୃଷ୍ଟିରେ ରଖି ଓଡିଶା ଦଳ ଚୟନ ପାଇଁ ରାଜ୍ୟ ସିନିୟର ବଧିର କ୍ରୀଡା ପ୍ରତିଯୋଗୀତା ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗୀତା ଉତ୍ସବରେ ଜିନ୍ଦଲ୍ ଷ୍ଟିଲ୍ ଏବଂ ପାୱାର୍ , ଭୁବନେଶ୍ୱରର ଏଚ୍ . ଆର୍. ଆଡମିନିଷ୍ଟ୍ରେଟିଭ୍ ମୁଖ୍ୟ ଅତିଥି ଭାବେ ଶ୍ରୀ ବନବାସ ଆଚାର୍ଯ୍ୟ ଯୋଗ ଦେଇ ଏହି ଖେଳ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ । ରାଜ୍ୟ ବଧିର କ୍ରୀଡା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ବାଲେଶ୍ୱର, ଖୋର୍ଦ୍ଧା, କଟକ, ବଲାଙ୍ଗୀର ଓ ସମ୍ବଲପୁର ଆଦି ଜିଲ୍ଲାରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ୧୦୦,୨୦୦,୪୦୦ ଓ ୬୦୦ ମିଟର ରେସ୍ ସହ ସଟ୍‌ପୁଟ୍ , ଡିସ୍‌କସ୍ ଓ ଲଙ୍ଗଜମ୍ପ ଆଦି ଇଭେଂଟ୍ ଅନୁଷ୍ଠିତ ହୋଇଥିଲା ଦଳଗତ ଭାବେ ଖୋର୍ଦ୍ଧା ଚାମ୍ପିୟନ ଓ ବାଲେଶ୍ୱର ରନର୍ସ ଅପ୍ ହୋଇଥିଲା ଖୋର୍ଦ୍ଧାର ବିପିନ ବିହାରୀ ସାହୁ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ଖେଳାଳୀର ସମ୍ମାନ ପାଇଥିଲେ । ୨୦୨୩ ଫେବୃୟାରୀ ୧୫ରୁ ୧୯ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଇନ୍ଦୋରଠାରେ ୮ମ ଜାତୀୟ ଜୁନିୟର, ସବ୍‌ଜୁନିୟର ଓ ୨୫ତମ ଜାତୀୟ ସିନିୟର ବଧିର କ୍ରୀଡା ଅନୁଷ୍ଠିତ ହେବ । ଏଥିପାଇଁ ଓଡିଶାରୁ ୫୦ରୁ ଉର୍ଦ୍ଧ୍ୱ ଖେଳାଳୀ ବିଭିନ୍ନ ଶୃଙ୍ଖଳା ପାଇଁ ମନୋନୀତ ହୋଇଛନ୍ତି । ଓଡିଶା ବଧିର କ୍ରୀଡା ପରିଷଦ ସଭାପତି ଅସିତ୍ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଂର୍ଜାତୀୟ ଚେସ୍ ପ୍ରଶିକ୍ଷକ ତଥା ଏସ୍ ଆର୍ ଚେସ୍ ସେଂଟରର ସମ୍ପାଦକ ସତ୍ୟରଂଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ କ୍ରୀଡାବିତ୍ ମାନଙ୍କୁ ଟ୍ରଫି, ମାନପତ୍ର ଓ ପଦକ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ରାଉଣ୍ଡ ଟେବୁଲ୍ ଟ୍ରଷ୍ଟର ମାନିକ ହଂସ, ବଧିର ସଂଘ ସଭାପତି ଶିବ ନାରାୟଣ ବହିଦାର, ଆୟୋଜକ କମିଟି ସଭାପତି ବିଜୟ କୁମାର ପରିଡା , କାର୍ଯ୍ୟକାରୀ ସମ୍ପାଦକ ରାକେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗୀତାକୁ ବରିଷ୍ଠ ସଦସ୍ୟ ତଥା ମାର୍ଗଦର୍ଶକ ନିରଂଜନ ଜୋଷୀ, ଯୋଗେଶ ନାରାୟଣ ବହିଦାର, ଖୋର୍ଦ୍ଧା ସମ୍ପାଦକ ପ୍ରଦୀପ ହୋତା, ସୁଦୀପ ନାୟକ,ରାମ୍‌ଜୀ ପଣ୍ଡା,ସଂଜୀବ ସାହୁ, ଜିତୁ ନନ୍ଦ, ସଂଜୟ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ବାବାସାହେବ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ମାଲକାନଗିରି, (ପି.ଏନ): ମାଲକାନଗିରି ମହାବିଦ୍ୟାଳୟ ର ଶହୀଦ ଲକ୍ଷ୍ମଣ ନାୟକ ଓ ଜଗଜୀବନ ରାମ ଛାତ୍ରାବାସର ସମସ୍ତ ଅନ୍ତେବାସୀ ମାନଙ୍କ ମିଳିତ ଉଦ୍ୟମ ରେ ବାବାସାହେବ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀ ଯୋଗ ଦେଇ ଡ. ବାବାସାହେବ ଆମ୍ବେଦକରଙ୍କ ଜୀବନ ଏବଂ ଦର୍ଶନ ଉପରେ ଆଲୋକପାତ କରିଥିଲେ । ବା ଣିଜ୍ୟ ବିଭାଗର ମୁଖ୍ୟ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଆମ୍ବେଦକରଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହେଲେ ଛାତ୍ର ଜୀବନ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ରେ କିପରି ସହାୟକ ହୋଇପାରିବ ବୋଲି ବୁଝାଇଥିଲେ । ଲକ୍ଷ୍ମଣ ନାୟକ ଛାତ୍ରାବାସ ର ନିରୀକ୍ଷକ ସୁଶାନ୍ତ ମାଝି ସଭା ପରିଚାଳନା କରିଥିବା ବେଳେ ବାବୁଜଗଜୀବନ ରାମ ଛାତ୍ରାବାସର ନିରୀକ୍ଷକ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କିଟ୍‌ରେ ଆର ଏଣ୍ଡ ଡି କନକ୍ଲେଭ୍ ୨୦୨୨ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): କିଟ୍‌ର ରୌପ୍ୟଜୟନ୍ତୀ ପାଳନ ପରିପ୍ରେକ୍ଷୀରେ କିଟ୍ ବାୟୋଟେକ୍ନୋଲୋଜି ସ୍କୁଲ୍ ପକ୍ଷରୁ ଆଣ୍ ଆଣ୍ଡ ଡି କନ୍‌କ୍ଲେଭ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପଦ୍ମଶ୍ରୀ ପ୍ରଫେସର ଏ. କେ ସୁଦ୍ କହିଲେ, ଯେ କୌଣସି ସର୍ଜନା ରାତାରାତି ସଫଳତାର ଶୀର୍ଷରେ ପହଞ୍ଚି ପାରି ନଥାଏ । ଏଥିପାଇଁ ସମୟ ଆବଶ୍ୟକ କରିଥାଏ । ନବସର୍ଜନା ନିମନ୍ତେ ବିଭିନ୍ନ କ୍ଷେତ୍ରରେ ଗବେଷଣା ବିଶେଷ କରି ଇ-ବର୍ଜ୍ୟ ପରିଚାଳନା ଏବଂ ଗଭୀର ବୈଷୟିକ ଭିତ୍ତିକ ଷ୍ଟାର୍ଟଅପ୍ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ସିଏସ୍‌ଆଇଆର୍‌ର 'ପାରମ୍ପରିକ ଜ୍ଞାନ ଡିଜିଟାଲ୍ ଲାଇବ୍ରେରୀ' ଭଳି କିଟ୍ ଟିବିଆଇ 'ଜନଜାତି ଜ୍ଞାନ ଡିଜିଟାଲ୍ ଲାଇବ୍ରେରୀ' ପ୍ରତିଷ୍ଠା କରିବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଛାତ୍ରଛାତ୍ରୀ ସଭିଙ୍କଠାରୁ କିଛି ନୂତନ ଏବଂ ଭିନ୍ନ କରିବା ପାଇଁ ଚେଷ୍ଟିତ ହେବା ଦରକାର । ଦେଶରେ ସର୍ଜନା କ୍ଷେତ୍ରରେ ଆର ଏଣ୍ଡ ଡି ବହୁତ ଭଲ କାର୍ଯ୍ୟ କରିଆସୁଛି ବୋଲି ପ୍ରଫେସର ସୁଦ୍ କହିଥିଲେ । ସମ୍ମାନୀୟ ଅତିଥି ଭାବେ ଏନଆରଡିସି-ସିମ୍‌ଡି ଅମିତ ରସ୍ତୋଗି ଯୋଗଦେଇ ଜାତୀୟ ଅନୁସନ୍ଧାନ ବିକାଶ ନିଗମ (ଏନଆରଡିସି) ଅନୁସନ୍ଧାନମୂଳକ କାର୍ଯ୍ୟ କରୁଥିବା ଛାତ୍ରଛାତ୍ରୀଙ୍କୁ ସବୁବେଳେ ସୁଯୋଗ ପ୍ରଦାନ କରି ଆସୁଛି ବୋଲ କହିଥିଲେ । ଭୁବନେଶ୍ୱରରେ ବିଭିନ୍ନ ପ୍ରକାର ଷ୍ଟାର୍ଟଅପ୍ ବିକଶିତ କରିବା ଏବଂ ଗବେଷଣା ନିମନ୍ତେ ଏନ୍‌ଆର୍‌ଡିସି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ କିଟ୍ ଟିବିଆଇର ସଫଳତା ଉପରେ ବକ୍ତବ୍ୟ ରଖିଥିବା ବେଳେ କିଟ୍ ଆର ଆଣ୍ଡ ଡି ଡିଜି ମୃତ୍ୟୁଞ୍ଜୟ ସୁଆର ଅତିଥି ପରିଚୟ ପ୍ରଦାନ କରିଥିଲେ । କିଟ୍ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ, ସିଏସ୍‌ଆଇଆର- ଆଇଏମଏମଟି ନିର୍ଦ୍ଦେଶକ ଏସ୍ ବସୁ, ଆରଏମଆସି ନିର୍ଦ୍ଦେଶକ ସଂଘମିତ୍ରା ପତି, ଆଇସିଟି ନିର୍ଦ୍ଦେଶକ ପିଆର ଭାବିଆ ଏବଂ କିଟ୍ ଆରଆଣ୍ଡ ଡି ନିର୍ଦ୍ଦେଶକ ପ୍ରଫେସର ଜିସି କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ ।

## ସାହିତ୍ୟ ଦର୍ପଣର ୪ର୍ଥ ବାର୍ଷିକ ଉତ୍ସବର ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,(ପି.ଏନ) ରାଜ୍ୟର ଅଗ୍ରଣୀ ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣ ଆନୁକୁଲ୍ୟରେ ଆସନ୍ତା ୧୧ତାରିଖ ଦିନ ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ ୪ର୍ଥ ବାର୍ଷିକ ରାଜ୍ୟ ସ୍ତରୀୟ ମହାବିନାୟକ କବିତା ଉତ୍ସବ ରାଜ୍ୟ ସରକାରଙ୍କ ଓଡ଼ିଆ , ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଜିଲ୍ଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରିବାକୁ ଥିଲା ବେଳେ ଆନ୍ତର୍ଜାତିକ କବି ଜୟନ୍ତ ମହାପାତ୍ର ମୁଖ୍ୟ ଅତିଥି, ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କବି ସୁଚିତା ମିଶ୍ର, ସାହିତ୍ୟ ଏକାଡ଼େମୀ ସଦସ୍ୟ ଡ଼ଃ ଶୁଭଶ୍ରୀ ଲେଙ୍କା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । କବିତା ଉତ୍ସବରେ କବି ଡ଼ଃ ଦୀଲିପ କୁମାର ସ୍ୱାଇଁ, ଡ଼ଃ ସେନାପତି ପ୍ରଦ୍ୟୁମ୍ନ କେଶରୀ, ଡ଼ଃ ପ୍ରଜ୍ଞାପ୍ରବତିକା ଦାସ, କବି ଚିତରଂଜନ ନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଉଲ୍ଲେଖନୀୟ କୃତୀ ପାଇଁ କବି ଚିତରଂଜନ ନାୟକ, କବି ସଂଘମିତ୍ରା ରଥକୁ କବିତା ସମ୍ମାନ, କନକ ନ୍ୟୁଜର ଇନ୍‌ପୁଟ୍ ମୁଖ୍ୟ ଭବାନୀ ଶଙ୍କର ଦାସଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ, କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଗୁଲାମ ବକ୍ସ, ସରପଂଚ ଯଯାତି କେଶରୀ ରାଉତ, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ ସୁକାନ୍ତ କୁମାର ଦାସ, ଧର୍ମଶାଳା ଥାନାଧିକାରୀ ରକେଶ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି କବିତା ଉତ୍ସବରେ ରାଜ୍ୟର ୪୩ଜଣ ନିମନ୍ତ୍ରିତ କବି ଯୋଗଦେବେ ବୋଲି ଅଭ୍ୟର୍ଥନା କମିଟିର ସଭାପତି ଗଣେଶ୍ୱରଳ ବରାଳ, ଉପ ସଭାପତି ମୋହନ ଖିଲାର, ସମ୍ପାଦକ ସଂଜୟ ସ୍ୱାଇଁ, ସାହିତ୍ୟ ଦର୍ପଣ ସମ୍ପାଦକ ବିମଳ ପତି ଏକ ପ୍ରେସ୍ ବିବୃତି ଜଣାଇଛନ୍ତି ।

# ମଣିଷକୁ ନିରୋଗୀ ରଖେ ରକ୍ତଦାନ

ପୁରୀ ,(ପି.ଏନ): ଏବେ ଜଣେ ନୁହେଁ, ଜଣଙ୍କ ରକ୍ତଦାନ ରେ ଏକାଧିକଙ୍କ ଜୀବନ ରକ୍ଷା ହୋଇ ପାରୁଛି । ନିବଦ୍ଧ କୂଅ ର ଦୂଷିତ ଜଳ ନହୋଇ, ବ୍ୟବହୃତ କୂଅ ର ସ୍ୱଚ୍ଛଜଳ ପରି, ନିୟମିତ ରକ୍ତଦାନ ହିଁ ମଣିଷକୁ କରେ ନିରୋଗୀ । ଦାନରକ୍ତ ର ଶୂନ୍ୟସ୍ଥାନ ପୂରଣ ରେ ମଣିଷ ଦେହରେ ସୃଷ୍ଟି ହୁଏ ରୋଗ ପ୍ରତିରୋଧକ ଶକ୍ତି । ଏଣୁ ରକ୍ତଦାନ ହିଁ ସର୍ବଶ୍ରେଷ୍ଠ ଦାନ,ଯାହାକୁ ଯୁବଗୋଷ୍ଠୀ ସଂକଳ୍ପ କରିନେବା କୁ ଆହ୍ୱାନ ଦେଇଛନ୍ତି ଅତିଥି ମାନେ । ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ର ଜୟଦେବ ସମ୍ମିଳନୀ କକ୍ଷରେ ସମର୍ପଣ, ନିର୍ମାଲ୍ୟ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ର ମିଳିତ ସହଯୋଗରେ ''ରକ୍ତଦାନ ସଚେତନତା ଓ ରକ୍ତଦାନ ''ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ ବିଶ୍ୱବିଦ୍ୟାଳୟ ର ନିର୍ଦ୍ଦେଶକ ଡକ୍ଟର ଖଗେଶ୍ୱର ମିଶ୍ର ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇଥିଲେ । ପ୍ରାଧ୍ୟାପକ ବିଶ୍ୱରଂଜନ ପତି ଓ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନା ରେ ଅନୁଷ୍ଠିତ ଉତ୍ସବରେ ଡକ୍ଟର ଅଭିମନ୍ୟୁ ଭୂୟାଁ, ଜୟନ୍ତୀ ମହାପାତ୍ର , ମଧୁମିତା ମହାପାତ୍ର ଓ ଶ୍ୟାମପ୍ରକାଶ ସେନାପତି ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କୁ ଗୋବିନ୍ଦ ପାତ୍ର, ହେକ୍ଟର ମିଶ୍ର, ସୌମ୍ୟରଞ୍ଜନ ପାତ୍ର,ସାଗରିକା ରଥ,ଅଜୟ ପ୍ରଧାନ, ଚନ୍ଦନ ହୋତା,ଦୀପକ ଜେନା,ଶକ୍ତିପ୍ରସାଦ ମିଶ୍ର, ଶୁଭେନ୍ଦୁ ସାମନ୍ତରାୟ,ଓମପ୍ରସାଦ ମହାନ୍ତି,ନିର୍ମଳ ପ୍ରଧାନ , ବଳରାମ ମହାରଣା ଓ ରଶ୍ମୀତା ମହାରଣା ରକ୍ତଦାନ ସଂପର୍କ ରେ ସଚେତନ କରାଇଥିଲେ । ଆୟୋଜିତ ରକ୍ତଦାନ ଶିବିର ରେ ୫୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

## ଜି ଉଦୟଗିରି ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ୫୪ୟୁନିଟ ସଂଗୃହିତ

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ପୋଲିସ ସହାୟତାରେ ଆଜି ସ୍ଥାନୀୟ ଟାଉନ ହଲ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୫୪ ଜଣ ରକ୍ତ ଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିର ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରି ଡ଼. ଜୟଦୀପ ଘୋଷଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଦୀନକୃଷ୍ଣ ମହନ୍ତ, ପୂର୍ବତନ ଏନ୍ ଏ ସି ଅଧକ୍ଷ ପି ସଞ୍ଜୀବ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା ରେ ସହୋଯୋଗ କରିବା ସହ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ ।

# କୁଇନ ଅଫ ଶାଢ଼ୀ- ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ୨ ଦିନ ଲାଗି କନକତଲା ଆଣିଛି ବିଶେଷ ହସ୍ତତ ଶାଢ଼ୀ

ଭୁବନେଶ୍ୱର,(ପି.ଏନ): ୭୯ ବର୍ଷରୁ ଅଧିକ ଏକ ପୁରୁଣା ବ୍ରାଣ୍ଡ କୁଇନ ଅଫ ଶାଢ଼ୀ-କନକତଲା ଭୁବନେଶ୍ୱର ସ୍ଥିତ ମେ ଫେୟାର ଲାଗୁନ-ଲିଲିରେ ୧୦ ଓ ୧୧ ଡିସେମ୍ବର ୨୦୨୨ ଦୁଇଦିନ ପାଇଁ ହାତବୁଣା ଶାଢ଼ୀ ପ୍ରଦର୍ଶନୀ ଓ ବିକ୍ରୟ ଆୟୋଜନ କରୁଛି । ଏହି ବ୍ରାଣ୍ଡରେ କାଂଚିପୁରମ, ବନାରସୀ, ପାଇଥାନି,ଅର୍ଗା, ପାଟୋଲା, ଜାମଦାନି, କୋଟା ଓ ଆହୁରି ଅନେକ ହାତବୁଣା ଶାଢ଼ୀ ଭାରତର ୫୦ଟି ବୁଣାକାର କ୍ଲଷ୍ଟରଙ୍କ ଦ୍ୱାରା ପ୍ରଦର୍ଶିତ ଓ ବିକ୍ରି ହେବ । ୧୯୪୩ ପରଠାରୁ କନକତଲା କ୍ରମାଗତ ଭାବରେ ଶ୍ରେଷ୍ଠ ବୁଣାକାରମାନଙ୍କ କୃତିକୁ ୩ ପୀଢ଼ି ପାଇଁ ପରିବେଷଣ କରି ଆସୁଛି । ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଏହି



ଇଭେଂଟ ପ୍ରାମାଣିକ ଭାରତୀୟ ହସ୍ତତ' ପାଇଁ ଏକମାତ୍ର ଗନ୍ତବ୍ୟ ସ୍ଥଳ ହେବାକୁ ଯାଉଛି । ଇଭେଂଟରେ ଭାରତୀୟ ହସ୍ତତ'ର ବିଶେଷ ବୁଣାକାରଙ୍କ ବହୁ ଉତ୍କୃଷ୍ଟ ସାମଗ୍ରୀ ସ୍ଥାନ ପାଇବ । ଶ୍ରୀ ମଲ୍ଲିକାର୍ଜ୍ଜୁନ ରାଓ କନକତଲା, ପରିଚାଳନା ନିର୍ଦ୍ଦେଶକ କହିଛନ୍ତି ଯେ- ପ୍ରତ୍ୟେକ ଋତୁରେ ଆମେ ଭାରତର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶନୀର ଆୟୋଜନ କରିଥାଉ । ଏହି ପାର୍ବଣ ଋତୁରେ ଆମେ କିଛି ବିଶେଷ ହସ୍ତତ' ଶାଢ଼ୀ ସମ୍ଭାରକୁ କନକତଲା ପକ୍ଷରୁ ଏକ ୨ ଦିନିଆ ବିଶେଷ ବିକ୍ରୟ ମାଧ୍ୟମରେ ଗ୍ରାହକଙ୍କୁ ଭେଟି ଦେଇଥାଉ । ଆମେ ଆଶା କରୁ ଲୋକମାନଙ୍କ ଦ୍ୱାରା ଏହା ଆଦୃତ ହେବ । ତାରିଖ-୧୦ ଓ ୧୧ ଡିସେମ୍ବର ୨୦୨୨, ସ୍ଥାନ: ମେ ଫେୟାର ଲାଗୁନ-ଲିଲି, ଜୟଦେବ ବିହାର, ଭୁବନେଶ୍ୱର, ସମୟ: ସକାଳ ୧୦ଘ. ରୁ ରାତ୍ର ୮ଘ. ।

# ଏସ.ଏସ.ବି ଅଧ୍ୟାପକ ସଂଘର ଜିଲ୍ଲା ସ୍ତରୀୟ ବୈଠକ

ଚଣ୍ଡିଖୋଲ,(ପି.ଏନ): ସମାନ କାମକୁ ସମାନ ଦରମା ଦାବୀରେ ଯାଜପୁର ଜିଲ୍ଲା ଏସ.ଏସ.ବି ଅଧ୍ୟାପକ ସଂଘର ଏକ ବୈଠକ ଚଣ୍ଡିଖୋଲ ସ୍ଥିତ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଏସ.ଏସ.ବି ସମ୍ପାଦକ ଅଧ୍ୟାପକ ପତିତ ପାବନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଭାପତି ରଜତକାନ୍ତ ଦାସ ସଂଘର ବିଭିନ୍ନ ଦାବୀ ଉପସ୍ଥାପନ କରିଥିଲେ । ରାଜ୍ୟ ଶିକ୍ଷା ବିଭାଗ ଅଧିନରେ ଥିବା ବୈଧାନିକ ସଂସ୍ଥା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ.ଏସ.ବି) ଦ୍ୱାରା ଏକ କଠିନ ନିଯୁକ୍ତି ପ୍ରକ୍ରିୟା ଦେଇ ସେମାନେ ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ବେସରକାରୀ କଲେଜଗୁଡ଼ିକରେ ଅଧ୍ୟାପକ/ଅଧ୍ୟାପିକା ଭାବେ ନିଯୁକ୍ତି ପାଇଛନ୍ତି । ଏସ.ଏସ.ବି ଦ୍ୱାରା ବିଭିନ୍ନ ବିଷୟରେ ନିଯୁକ୍ତ ଅଧ୍ୟାପକ/ ଅଧ୍ୟାପିକାମାନେ ରାଜ୍ୟର ପ୍ରାୟ ୮୦% ସ୍ନାତୋକ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ସି.ବି.ସି.ଏସ ପାଠ୍ୟକ୍ରମ ଅନୁସାରେ ପାଠ ପଢାଉଛନ୍ତି । ମାତ୍ର ପରିତାପର ବିଷୟ ଯେ, ଓ.ପି.ଏସ.ସି ଦ୍ୱାରା ନିଯୁକ୍ତ ଅଧ୍ୟାପକ/ଅଧ୍ୟାପିକ ତୁଳନାରେ ଏସ.ଏସ.ବି ଅଧ୍ୟାପକଙ୍କୁ ୪୬୦୦ ପେ ସ୍କେଲ ଅନୁସାରେ ବହୁ କମ୍ ଦରମା ମିଳୁଛି । ଏଣୁ ଏସ.ଏସ.ବି ନିଯୁକ୍ତ ଅଧ୍ୟାପକଙ୍କ ପ୍ରାରମ୍ଭିକ ପେ ସ୍କେଲକୁ ୪୬୦୦ ପରିବର୍ତ୍ତେ ୫୪୦୦ ପେ ସ୍କେଲରୁ ଆରମ୍ଭ କରିବାକୁ ଦାବୀ ଉପସ୍ଥାପନ କରିଥିଲେ । ଏଥିସହ ଓ.ପି.ଏସ.ସି ନିଯୁକ୍ତ ଅଧ୍ୟାପକ/ ଅଧ୍ୟାପିକାଙ୍କ ଭଳି ସେମାନଙ୍କ ପଦୋନ୍ନତି ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଏହି ବୈଠକରେ ଦାବୀ କରାଯାଇଥିଲା । ଏଥି ସହିତ ଅବସରକାଳୀନ ବୟସସୀମା ୬୦ ରୁ ୬୨ବର୍ଷ ବୃଦ୍ଧି, ରାଜ୍ୟ ସରକାରଙ୍କ ଦ୍ୱାରା ଏସ.ଏସ.ବି ଅଧ୍ୟାପକଙ୍କୁ ଅନୁଦାନ ବଦଳରେ ସିଧାସଳଖ ଦରମା ପ୍ରଦାନ, ଗୃହ ଭର୍ତ୍ତା ପ୍ରଦାନ ଆଦି ଦାବୀ ଉପସ୍ଥାପନ କରିଥିଲେ । ଜିଲ୍ଲା ସଂଯୋଜକ ଅଧ୍ୟାପକ ସାମୁଏଲ କୁମାର ଲିମା, ଅଧ୍ୟାପକ ସଦୀପ କୁମାର ମାଝି ସଭା ପରିଚାଳନା କରିଥିଲା ବେଳେ ଜିଲ୍ଲା ଏସ.ଏସ.ବି ସଂଘର ଉପ ସଭାପତି ଅଧ୍ୟାପକ ଡ଼ଃ ଦୀପ୍ତି ରଂଜନ ସେନାପତି ଏବଂ ଯୁଗ୍ମ ସମ୍ପାଦକ ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସଙ୍କୁ ସର୍ବସମ୍ମତୀ କ୍ରମେ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଏହି ବୈଠକରେ ଜିଲାର ବିଭିନ୍ନ କଲେଜର ଅଧ୍ୟାପକ/ ଅଧ୍ୟାପିକାମାନେ ଯୋଗ ଦେଇଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray